## ସଂକ୍ଷେପରେ

### ମନ୍ଦିରରୁ ଅଳଙ୍କାର ଚୋରି

ଚିକିଟି,୨୮।୧(ଡି.ଏନ.ଏ.): ଗୋଳନ୍ଥରା ଥାନା ଗିରିସୋଲା ଗ୍ରାମରେ ଥିବା ଠାକୁରାଣୀଙ୍କ ମନ୍ଦିରରୁ ରବିବାର ମଧରାତିରେ କେହି ଦୁର୍ବୃତ୍ତ ମା'ଙ୍କ ବେକରୁ ପ୍ରାୟ ଆଠ ଭରିର ଅଳଙ୍କାର ଏବଂ ହୁଣ୍ଡିରେ ଥିବା ପ୍ରାୟ ୫୦୦୦ଟଙ୍କା ଲୁଟି ନେଇଛନ୍ତି। ସକାଳୁ ମନ୍ଦିରର ପୂଜାରୀ ପୁଜା କରିବା ପାଇଁ ପ୍ରବେଶ କରୁଥିବା ବେଳେ ମା'ଙ୍କ ବେକରେ ଅଳଙ୍କାର ନଥିବା ଏବଂ ହୁଣ୍ଡି ଭଙ୍ଗା ହୋଇଥିବା ଗ୍ରାମବାସିଙ୍କୁ ଜଣାଇବା ପରେ ଗ୍ରାମବାସୀ ଏ ନେଇ ଗୋଳନ୍ଥରା ଥାନାରେ ଅଭିଯୋଗ କରିଛନ୍ତି। ଗୋଳନ୍ଥରା ଥାନା ପୋଲିସ୍ ପହଞ୍ଚି ତଦନ୍ତ କରି ଫେରିଛନ୍ତି।

### ରବୀନ୍ଦ୍ର ହତ୍ୟା ଘଟଣା, ଅଭିଯୁକ୍ତ ଗିରଫ



ଆସିକା,୨୮।୧(ଡି.ଏନ୍.ଏ.): ଆସିକା ଥାନା କୋଟିନଡା ଫାଣ୍ଡି ଅନ୍ତର୍ଗତ ଭେଙ୍କଟରାଇପଲ୍ଲୀ ଗ୍ରାମର ରବୀନ୍ଦ୍ର ନାହାକଙ୍କୁ ୧୮ ତାରିଖ ରାତିରେ ପଥର ଛେଚି ନିର୍ମମ ଭାବେ ହତ୍ୟା କରାଯାଇଥିଲା । ଏହି ହତ୍ୟା ମାମଲାର ଅଭିଯୁକ୍ତଙ୍କୁ ସୋମବାର ପୋଲିସ ଗିରଫ କରିଛି। ସେ ହେଲେ ଉକ୍ତ ଗ୍ରାମର ବିନୋଦ ବେହେରା । ପୋଲିସ ୩ଟି ରକ୍ତଭିଜା ପଥର ଖଣ୍ଡ ମଧ ଜବତ କରିଛି । ଅପରାହ୍ନରେ ବିନୋଦଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆସିକା ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସଡିପିଓ ସୂର୍ଯ୍ୟମଣି ପ୍ରଧାନ ଓ ଥାନା ଅଧିକାରୀ ସନ୍ତୋଷ କୁମାର ଜେନା ସୂଚନା ଦେଇଛନ୍ତି। ପୋଲିସ କହିଛି ଯେ, ୧୮ ତାରିଖ ରାତିରେ ରବୀନ୍ଦ୍ର ଓ ବିନୋଦ ମଦ୍ୟପାନ କରିଥିଲେ। ତେଣୁ ସାମାନ୍ୟ କଥାକୁ ଉଭୟଙ୍କ ମଧରେ ବଚସା ହୋଇଥିଲା । ପରେ ସେମାନେ ହାତାହାତି ହୋଇଥିଲେ। ପରେ ବିନୋଦ ପଥର ଛେଚି ରବୀନ୍ଦ୍ରଙ୍କୁ ହତ୍ୟା କରିଥିଲେ ବୋଲି ସ୍ୱୀକାର କରିଛନ୍ତି। ଘଟଣାଦିନ ରବୀନ୍ଦ୍ର ତାଙ୍କର ଜଣେ ଆତ୍ମୀୟଙ୍କୁ କେ.ନୂଆପଲ୍ଲୀ ଗ୍ରାମକୁ ଛାଡିବାକୁ ଯାଇ ଆଉ ଫେରି ନ ଥିଲେ । ୧୯ ତାରିଖ ସକାଳୁ ତାଙ୍କ ମୃତଦେହ ମାଗୁରା ସଂଲଗ୍ନ ପାହାଡ ତଳୁ ଉଦ୍ଧାର କରାଯାଇଥିଲା । ରବୀନ୍ଦ୍ରଙ୍କ ବାପା ରମେଶ ନାହାକ ଏ ନେଇ ଆସିକା ଥାନାରେ ଅଭିଯୋଗ କରିଥିଲେ । ପୋଲିସ ନଂ.୨୪/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା ।

### ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

ବ୍ରହ୍ମପୁର ଅଫିସ,୨୮।୧: ରାମଗଡ଼ ପଞ୍ଚାୟତ ପାଲୁରୁ ତାଲୁକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଦୁର୍ଗା ପ୍ରସାଦ ଦାସ ଅଧକ୍ଷତା କରିଥିବା ବେଳେ ଅମୂଲ୍ୟ କୁମାର ଦଳେଇ ଓ କାମେଶ୍ୱର ପଲେଇ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପଣ୍ଡିତ ବିନାୟକ ତ୍ରିପାଠୀ ମୁଖ୍ୟବକ୍ତା ଥିଲେ। ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଆଦିକନ୍ଦ ନାହାକଙ୍କ ସଂଯୋଜନାରେ କାର୍ଯ୍ୟକ୍ରମରେ ଅଶୋକ କୁମାର ପଡ଼ିଆରୀ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ପବିତ୍ର କୁମାର ସାହୁ, ରବୀନ୍ଦ୍ର ପଲେଇ, ସତ୍ୟବାଦୀ ବେହେରା, ରମାକାନ୍ତ ସାହୁ, ଲୋରୀ ପଟ୍ଟନାୟକ ଓ ସୁନିତା ସାହୁ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ । ସନ୍ତୋଷ କୁମାର ପଲେଇ ଧନ୍ୟବାଦ ଦେଇଥିଲେ ।

■ କନ୍ୟାଶ୍ରମରୁ ୨୯ ଛାତ୍ରୀ ନିଖୋଜ ଘଟଣା

# ଜଙ୍ଗଲର ପରିତ୍ୟକ୍ତ କୁଡ଼ିଆରୁ ଉଦ୍ଧାର ହେଲେ

ମୋହନା,(ଡି.ଏନ୍.ଏ.)/ ପାରଳାଖେମୁଣ୍ଡି, ୨୮।୧(ସ୍ୱ.ପ୍ର.)

ଗଜପତି ଜିଲା ମୋହନା ବ୍ଲକର ଅନ୍ତରବା ଗ୍ରାମସ୍ଥିତ କନ୍ୟାଶ୍ରମରୁ ରବିବାର ଭୋରରୁ ନିଖୋଜ ହୋଇଯାଇଥିବା ୨୯ ଛାତ୍ରୀଙ୍କୁ ପ୍ରାୟ ୧୮ ଘଣ୍ଟା ପରେ ପ୍ରଶାସନ ପକ୍ଷରୁ ଉଦ୍ଧାର କରାଯାଇଛି। ଚନ୍ଦ୍ରଗିରି ଅଞ୍ଚଳର ଟାଙ୍କିଲିପଦର ନିକଟସ୍ଥ ଘଞ୍ଚ ଜଙ୍ଗଲ ମଧ୍ୟରେ ଥିବା ଏକ ପରିତ୍ୟକ୍ତ କୁଡିଆରୁ ରବିବାର ମଧ୍ୟରାତ୍ରିରେ ଏମାନଙ୍କୁ ପୋଲିସ ଓ ପ୍ରଶାସନିକ ଅଧିକାରୀ ଖୋଜି ଠାବ କରିଥିଲେ। ସୋମବାର ସକାଳେ ସମସ୍ତଙ୍କୁ କନ୍ୟାଶ୍ରମକୁ ଫେରାଇ ଅଣାଯାଇଛି। ଏ ସମ୍ପର୍କରେ ଜିଲା ମଙ୍ଗଳ ଅଧିକାରୀ (ଡିଡବ୍ଲ୍ୟୁଓ) ସନ୍ତୋଷ କୁମାର ରଥଙ୍କୁ ପଚାରିବାରେ କହିଛନ୍ତି ଯେ, ଉଦ୍ଧାର ହୋଇଥିବା ସମସ୍ତ ଛାତ୍ରୀଙ୍କୁ ସୁରକ୍ଷିତ ଭାବେ ଅନ୍ତରବା କନ୍ୟାଶ୍ରମରେ ଛଡାଯାଇଛି । ତେବେ ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ କରାଯିବ। ଏହି ଘଟଣା ପାଇଁ ଯିଏ ଦାୟୀ ହେବେ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସୂଚନା ଅନୁଯାୟୀ, ଶନିବାର ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ କୌଣସି କାରଣରୁ ଶିକ୍ଷକମାନଙ୍କ ସହିତ ନବମଶ୍ରେଣୀ ଛାତ୍ରୀମାନଙ୍କର ମନୋମାଳିନ୍ୟ ଘଟିଥିଲା। ଫଳରେ କାର୍ଯ୍ୟକ୍ରମ ଆୟୋଜନ ବିଳମ୍ବ ହୋଇଥିଲା।

**ଘଟଣାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ହେବ: ଡିଡବ୍ଲ୍ୟୁଓ**

ଏ ନେଇ ସନ୍ଧ୍ୟାରେ ଛାତ୍ରୀମାନେ ଏକ ବୈଠକ କରିଥିଲେ। ଘଟଣା ସମ୍ପର୍କରେ ଜିଲାପାଳ ଏବଂ ଜିଲା ମଙ୍ଗଳ ଅଧିକାରୀଙ୍କୁ ଜଣାଇବା ପାଇଁ ନିଷ୍ପତ୍ତି ନେଇଥିଲେ। ରବିବାର ଭୋରରୁ ୨୯ଜଣ ଛାତ୍ରୀ କନ୍ୟାଶ୍ରମ ଛାଡ଼ି ଚାଲିଯାଇଥିଲେ। ଏହି ଖବର ପାଇବା ପରେ ଜିଲା ପ୍ରଶାସନ ଚିନ୍ତାରେ ପଡ଼ିଥିଲା। ଜିଲାପାଳ ଅନୁପମ ଶାହାଙ୍କ ନିର୍ଦ୍ଦେଶ କ୍ରମେ ପ୍ରଶାସନ ଓ ପୋଲିସ ପକ୍ଷରୁ ମିଳିତ ଭାବେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରାଯାଇଥିଲା। ରାତି ପ୍ରାୟ ୧୨ଟାରେ ଟାଙ୍କିଲିପଦରସ୍ଥ ଏକ କୁଡିଆ ଘରୁ ସେମାନଙ୍କୁ ଠାବ କରାଯାଇଥିଲା। ସମସ୍ତଙ୍କୁ ବୁଝାଇଶୁଝାଇ ସେଠାରୁ ଚନ୍ଦ୍ରଗିରିସ୍ଥିତ କନ୍ୟାଶ୍ରମକୁ ନିଆଯାଇ ରାତିରେ ରଖାଯାଇଥିଲା। ସୋମବାର ସକାଳେ ସମସ୍ତ ଛାତ୍ରୀଙ୍କୁ ଅନ୍ତରବା କନ୍ୟାଶ୍ରମକୁ ଫେରାଇ ନିଆଯାଇଥିଲା। ତେବେ ସମ୍ପୃକ୍ତ କୁଡିଆ ଘରେ ଛାତ୍ରୀମାନଙ୍କୁ ଖାଦ୍ୟ ଓ କମ୍ବଳ ଯୋଗାଇ ଦିଆଯାଇଥିଲା। କିଏ ଏହି ବ୍ୟବସ୍ଥା କରିଥିଲେ ସେନେଇ ପ୍ରଶ୍ନ ଉଠିଛି । ସେହିପରି ଗଜପତି ଜିଲାରେ ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ଛାତ୍ରୀମାନଙ୍କ ପାଠପଢା ଓ ସୁରକ୍ଷା ନେଇ ମଧ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

■ ପୋଲସରାରେ କୃଷକ ସମାବେଶ

# ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



କୃଷକମାନଙ୍କ ବିକ୍ଷୋଭରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଉଦବୋଧନ ଦେଉଛନ୍ତି ।

ପୋଲସରା, ୨୮।୧(ଡି.ଏନ.ଏ.)

ଗଞ୍ଜାମ ଜିଲା ପୋଲସରା ବ୍ଲକରେ ସୋମବାର ରୁଷିକୁଲ୍ୟା ରୟତ ମହାସଭା, ଲଙ୍ଗଳେଶ୍ୱର କୃଷକ ସଂଘ ଓ ରତନେଇ କୃଷକ ସଂଘର ମିଳିତ ସହଯୋଗରେ ଚାଷୀମାନଙ୍କ ପ୍ରମୁଖ ସମସ୍ୟା ଧାନର ଅଭାବୀ ବିକ୍ରି ରୋକିବା, ୫ ଶହ ଟଙ୍କା ବୋନସ ପ୍ରଦାନ, ତିତ୍‌ଲି କ୍ଷତିଗ୍ରସ୍ତଙ୍କୁ ଉପଯୁକ୍ତ କ୍ଷତିଭରଣା, ଫସଲ ବୀମା ଓ ଚାଷୀଙ୍କ ଋଣ ଛାଡ଼ ଆଦି ନେଇ ପୋଲସରା ବ୍ଲକ ଆଗରେ ଶତାଧିକ ଚାଷୀ ବିକ୍ଷୋଭ କରିଥିଲେ । ଏକ ୮ ଦଫା ଦାବି ନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାର ନରେଶ କୁମାର ସିଂବରିହାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଚାଷୀମାନେ ମା' ରତନେଇ ମନ୍ଦିର ନିକଟରୁ ରାଲିରେ ଆସି ବ୍ଲକ ଆଗରେ ପହଞ୍ଚି ବିକ୍ଷୋଭ କରିଥିଲେ । ଦାବି ମଧ୍ୟରେ ଭାଗଚାଷୀଙ୍କ ସମେତ ସମସ୍ତ ଚାଷୀଙ୍କ ଧାନ ସରକାରୀ ଦରରେ କିଣିବା, କୁଇଣ୍ଟାଲ ପିଛା ୫ ଶହ ଟଙ୍କା ପ୍ରଦାନ, ତିତ୍‌ଲି କ୍ଷତିଗ୍ରସ୍ତ ଚାଷୀ ଓ ଭାଗଚାଷୀଙ୍କୁ ଅନ୍ୟୁନ ୨୫ ହଜାର ଟଙ୍କା ଏକର ପିଛା ପ୍ରଦାନ କରିବା, ଅଦିନିଆ ବର୍ଷା ଓ ତିତ୍‌ଲିରେ କ୍ଷତି ସହିଥିବା ଚାଷୀମାନଙ୍କୁ ଫସଲ ବୀମା ସାହାଯ୍ୟ ଦେବା, ସବୁ ଚାଷ ଜମିକୁ ଜଳସେଚନ ସୁବିଧା କରିବା ଲାଗି ମାଷ୍ଟର ପ୍ଲାନ ଆଦି ପ୍ରମୁଖ ଦାବିପତ୍ରରେ ଉଲ୍ଲେଖ ରହିଛି। କୃଷକମାନଙ୍କର ବିକ୍ଷୋଭରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ ସାମିଲ ହୋଇ ଥିଲେ। କାର୍ଯ୍ୟକ୍ରମରେ ରୁଷିକୁଲ୍ୟା ରୟତ ମହାସଭା ସମ୍ପାଦକ ସୀମାଞ୍ଚଳ ନାୟକ, ଲଙ୍ଗଳେଶ୍ୱର କୃଷକ ସଂଘ ସଭାପତି ବୃନ୍ଦାବନ ବେହେରା, ରତନେଇ କୃଷକ ସଂଘ ସଭାପତି ନାରାୟଣ ପ୍ରଧାନ, ନବ ନିର୍ମାଣ କୃଷକ ସଂଘ ଜିଲା ସଭାପତି ସଚିନ ମହାପାତ୍ର, ବ୍ଲକ ସଂଯୋଜକ ସନ୍ତୋଷ ମଲିକ ଓ ମୁନି ରଥଙ୍କ ସମେତ ବହୁ ଚାଷୀ ଅଂଶଗ୍ରହଣ କରିଥିଲେ। ଚାଷୀଙ୍କ ପ୍ରମୁଖ ଦାବିକୁ ନେଇ ତହସିଲଦାର ବରିହା କହିଥିଲେ, ଠିକ ବ୍ୟାଙ୍କ ଖାତା ଆମକୁ ଦିଅନ୍ତୁ । ଆମେ ତୁରନ୍ତ ତିତ୍‌ଲି ଏବଂ ଚକଡ଼ା ପୋକର କ୍ଷତିପୂରଣ ତୁରନ୍ତ ପ୍ରଦାନ କରିବୁ ।

### ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ, ଉତ୍ତେଜନା

ଭଞ୍ଜନଗର,୨୮।୧(ଡି.ଏନ.ଏ)

ଭଞ୍ଜନଗର ଥାନା ଅନ୍ତର୍ଗତ ଜିଲୁଣ୍ଡିରେ ସୋମବାର ଅପରାହ୍ନରେ ଦୁଇଗୋଷ୍ଠୀ ଗଣ୍ଡଗୋଳ ହୋଇଛି । ଏଥିରେ ଜଣେ ଯୁବକ ଆହତ ହୋଇ ଭଞ୍ଜନଗର ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି । ଏହି ଘଟଣାକୁ ନେଇ ଉତ୍ତେଜନା ଲାଗିରହିଛି । ପୋଲିସ ମେଡ଼ିକାଲରେ ପହଞ୍ଚି ସ୍ଥିତି ଉପରେ ନଜର ରଖିଛି । ପ୍ରକାଶଯେ ସୋମବାର ଜିଲୁଣ୍ଡି ବିଜେଡ଼ି ୱାର୍ଡ଼ କମିଟି ବୈଠକ କାଳିମନ୍ଦିରରେ ଚାଲିଥିଲା । ବୈଠକ ସରିବା ପରେ କର୍ମୀମାନେ ଯିଏ ଯେଉଁଆଡ଼େ ଚାଲିଯାଇଥିଲେ । ଅନ୍ୟ ଏକ ଗ୍ରାମର କିଛି ଯୁବକ ସେଠି ଥିଲେ । ଏହି ସମୟରେ ଉକ୍ତ ଯୁବକମାନଙ୍କ ମଧ୍ୟରେ ପୂର୍ବ ଶତ୍ରୁତାରୁ ଗଣ୍ଡଗୋଳ ହୋଇଥିଲା । ଏଥିରେ ଜଣେ ଯୁବକ ଆହତ ହୋଇଥିଲେ। ଘଟଣାସ୍ଥଳରୁ କିଛି ଯୁବକ ଗୋଟିଏ ମାଉଜର ଉଦ୍ଧାର କରିଥିବା କୁହାଯାଉଛି । ଖବର ଲେଖା ହେବା ସୁଦ୍ଧା ଥାନାରେ ଲିଖିତ ଭାବେ କୈଣସି ଅଭିଯୋଗ ହୋଇନାହିଁ ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଲୁହାଛଡ଼ରେ ପିଟି ସ୍ତ୍ରୀଙ୍କୁ ହତ୍ୟା : ଥାନାରେ ଆତ୍ମସମର୍ପଣ କଲେ ସ୍ୱାମୀ

ଛତ୍ରପୁର,୨୮।୧(ଡି.ଏନ.ଏ)

ଗଞ୍ଜାମ ଜିଲା ଚମାଖଣ୍ଡି ଥାନା ନରେନ୍ଦ୍ରପୁରରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି । ସ୍ତ୍ରୀଙ୍କୁ ଲୁହା ଛଡ଼ରେ ପିଟି ହତ୍ୟା କରିବା ପରେ ଚମାଖଣ୍ଡି ଥାନାରେ ସ୍ୱାମୀ ଆତ୍ମସମର୍ପଣ କରିଛନ୍ତି। ନରେନ୍ଦ୍ରପୁରର ବାସିନ୍ଦା ତଥା ଅବସର ପ୍ରାପ୍ତ ସେନା କର୍ମଚାରୀ ବି. ବାବୁଲା ସେନାପତି ଓ ତାଙ୍କ ସ୍ତ୍ରୀ ବି. ଲିସାରାଣୀଙ୍କ ମଧ୍ୟରେ କୌଣସି କଥାକୁ ନେଇ ଅଧିକାଂଶ ସମୟ ଝଗଡ଼ା ହେଉଥିଲା। ଏହାର ସମାଧାନ ପାଇଁ ଗ୍ରାମରେ ବୈଠକ ଡକାଯାଇ ଉଭୟଙ୍କୁ ବୁଝାଶୁଝା କରାଯାଇଥିଲା। ତଥାପି ରବିବାର ରାତିରେ ପୁଣି ଦମ୍ପତିଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ବାବୁଲା ଉତ୍ତ୍ୟକ୍ତ ହୋଇ ଲିସାଙ୍କୁ ମାଡ଼ ମାରିଥିଲେ। ସୋମବାର ପୂର୍ବାହ୍ନରେ ବାବୁଲା ଝିଅକୁ ସ୍କୁଲରେ ଛାଡିବାକୁ ଯାଇଥିଲେ। ସ୍କୁଲରୁ ଫେରି ନିଜର ୬ ବର୍ଷିୟ ପୁଅ ଆଗରେ ସ୍ତ୍ରୀ ଲିସାଙ୍କ ମୁଣ୍ଡକୁ ଲୁହାଛଡ଼ରେ ପିଟିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହା ପରେ ବାବୁଲା ଚମାଖଣ୍ଡି ଥାନାକୁ ଯାଇ ଆତ୍ମସମର୍ପଣ କରିଥିଲେ।



ପୋଲିସ ତଦନ୍ତ କରୁଛି।

ଛତ୍ରପୁର ଏସଡିପିଓ ରମେଶ ଚନ୍ଦ୍ର ସେଠୀ ଓ ଚମାଖଣ୍ଡି ଥାନା ଅଧିକାରୀ ଚିତ୍ତରଞ୍ଜନ ବେହେରା ଘଟଣାସ୍ଥଳରେ ପହଞ୍ଚି ଲିସାଙ୍କ ମୃତଦେହ ଜବତ କରିଥିଲେ। ହତ୍ୟାରେ ବ୍ୟବହୃତ ଲୁହା ଛଡକୁ ପୋଲିସ ଜବତ କରିଥିଲା । ପରେ ବ୍ରହ୍ମପୁରରୁ ସାଇଣ୍ଟିଫିକ ଟିମ୍ ଆସି ଛାନଭିନ ଆରମ୍ଭ କରିଛି । ଏହି ଘଟଣାକୁ ନେଇ ଗାଁରେ ଉତ୍ତେଜନା ପ୍ରକାଶ ପାଇଛି। ଲିସାଙ୍କ ବାପଘର ଲୋକେ ଝିଅ ମୃତ୍ୟୁ ପାଇଁ ବାବୁଲାଙ୍କ ପରିବାର ଲୋକେ ଦାୟୀ ବୋଲି ଅଭିଯୋଗ କରିଛନ୍ତି। ଏ ନେଇ ଲିସାଙ୍କ ଭାଇ କେ. ଶିବ ପାତ୍ରଙ୍କ ଏତଲାକୁ ଭିତ୍ତି କରି ଚମାଖଣ୍ଡି ପୋଲିସ ଏକ ମାମଲା (ନଂ.୭/୧୯) ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି । ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଛି।

**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ଣ୍ଣରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।

## ସେଲ୍‌ଫି କର୍ଣ୍ଣର



କିତୁନ



ରାମପ୍ରସାଦ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

■ ଦେଶାତ୍ମବୋଧ କାର୍ଯ୍ୟକ୍ରମ 'ତ୍ରିରଙ୍ଗା'

# ମହାପୁରୁଷଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

ବ୍ରହ୍ମପୁର ଅଫିସ,୨୮।୧

ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷା କଳାକେନ୍ଦ୍ର ଓ ଅଭିନୟ ଜଗତ ପକ୍ଷରୁ ଦେଶାତ୍ମବୋଧ ସାଂସ୍କୃତିକ କାର୍ଯ୍ୟକ୍ରମ 'ତ୍ରୀରଙ୍ଗା' ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ଆଶ୍ରମ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜେଡି ରାଜ୍ୟ ଉପସଭାପତି ଚନ୍ଦ୍ରଶେଖର ସାହୁ, ବ୍ରହ୍ମପୁର ଆକାଶବାଣୀ କେନ୍ଦ୍ରର ସହକାରୀ ନିର୍ଦ୍ଦେଶକ ହୃଷୀକେଶ ପାଣିଗ୍ରାହୀ, ଏମ୍‌କେସିଜି ମେଡିକାଲ କଲେଜର ଅଧୀକ୍ଷକ ପ୍ରଫେସର ଡା. ଚରଣ ପଣ୍ଡା, ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ବିକ୍ରମ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଦେଶ ପାଇଁ ପ୍ରାଣବଳୀ ଦେଇଥିବା ବୀର ପୁରୁଷ ତଥା ମହାପୁରୁଷଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ । ସମ୍ପାଦକ ମିହିର କୁମାର ତ୍ରିପାଠୀ ଓ ପି. ସୁବାସ ଚନ୍ଦ୍ର ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଉପଦେଷ୍ଟା ମଣ୍ଡଳୀର ମନୋଜକାନ୍ତ ଦାଶ, ସୂର୍ଯ୍ୟକାନ୍ତ ପାତ୍ର, ସ୍ୱର୍ଣ୍ଣପ୍ରଭା ପାଢୀ, ଉଷାରାଣୀ ମହାପାତ୍ର ଓ ରବୀନ୍ଦ୍ର କୁମାର ନାୟକ ମଞ୍ଚାସୀନ ଥିଲେ । ସଂଗୀତ ନିର୍ଦ୍ଦେଶକ ରାମ-ଲକ୍ଷ୍ମଣ, ସୁଦୀପ ସାହୁ, ଦିଲୀପ ସାହୁ, ନବକିଶୋର ମହାପାତ୍ର, ପି.ସୁବାସ ପାତ୍ର, ଅଶ୍ୱିନୀ ମହାପାତ୍ର, ବେବୀ ହାବିଲଦାର, ଅନୁରାଧା ସାହୁ, ଶ୍ୱେତାପାଳ ଇସ୍‌ମାଇଲ ଖାନ ପ୍ରମୁଖ ଦେଶାତ୍ମବୋଧ ସଙ୍ଗୀତ ପରିବେଶଣ କରିଥିଲେ । ଅନ୍ୱେଷା କଳାକେନ୍ଦ୍ର, ଏକଲବ୍ୟ କଳାନିକେତନ, ଗଞ୍ଜାମ କଳା ପରିଷଦ, କେଳୁଚରଣ କଳାତୀର୍ଥ, ଗୋଷାଣୀନୂଆଗାଁ ଶିଶୁ ମନ୍ଦିରର ଶିଶୁ କଳାକାରମାନଙ୍କ ଦ୍ୱାରା ପରିବେଶିତ ଦେଶାତ୍ମବୋଧ ନୃତ୍ୟ ଦର୍ଶକଙ୍କୁ ମୁଗ୍ଧ କରିଥିଲା । ଦିପ୍ତୀରଞ୍ଜନ ପାଢୀ, ଟି. ଆପାରାଓ, କୈଳାସ ପାଣିଗ୍ରାହୀ ଓ ଦୁର୍ଗା ଆଚାର୍ଯ୍ୟ ପ୍ରମୁଖ ସହଯୋଗ କରିଥିଲେ ।

■ ପାନୀୟ ଜଳ ଯୋଗାଣରେ ଅବ୍ୟବସ୍ଥା

# କାର୍ଯ୍ୟାଳୟ ଘେରିଲେ ମହିଳା

କୋଦଳା,୨୮।୧(ଡି.ଏନ୍.ଏ.)

କୋଦଳା ପଣ୍ଡା ସାହି ଦିଗିରୋଡ ନୂଆସାହି ବାସିନ୍ଦା ପାନୀୟ ଜଳ ଯୋଗାଣରୁ ବଞ୍ଚିତ ଥିବା ଅଭିଯୋଗ କରି ସୋମବାର ଅପରାହ୍ନରେ ମହିଳାମାନେ ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ଉକ୍ତ ସାହିରେ ଦୀର୍ଘ ବର୍ଷ ଧରି ପାନୀୟ ଜଳ ଯୋଗାଣ ପାଇଁ ସ୍ଥାନୀୟ ଜନସ୍ୱାସ୍ଥ୍ୟ ବିଭାଗ ଅନୁଖଣ୍ଡ ସହକାରୀ ଯନ୍ତ୍ରୀ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ କିନ୍ତୁ କିଛି ସୁଫଳ ମିଳିନଥିଲା। ତେଣୁ ଗତ ଫେବୃୟାରୀରେ କାର୍ଯ୍ୟାଳୟକୁ ଆସି ଅଭିଯୋଗ କରିଥିଲେ। ମାତ୍ର କାର୍ଯ୍ୟାଳୟରେ ଯନ୍ତ୍ରୀ ଅନୁପସ୍ଥିତ ଥିବାରୁ କାର୍ଯ୍ୟରତ ଏଚ୍‌ଆର କର୍ମଚାରୀ ଭାସ୍କର ଚନ୍ଦ୍ର ପାଢ଼ୀ ଲୋକଙ୍କୁ କହିଥିଲେ ହାଉସ ହୋଲ୍ଡି ନମ୍ବର ନଥିଲେ ସଂଯୋଗ ଦିଆଯିବ ନାହିଁ। ଏକ ବଣ୍ଡ ଦେଲେ ହେବ ବୋଲି କହି ଶହେ ଟଙ୍କା ଓ ପ୍ରମାଣ ପତ୍ର ନେଇଥିଲେ। କିନ୍ତୁ ବର୍ଷେ ହେବ ସେ କୌଣସି ବଣ୍ଡ କିମ୍ବା ନଂଯୋଗ ଦେଇନଥିବା ଅଭିଯୋଗ କରି ସାହି ବାସୀ ସୋମବାର କାର୍ଯ୍ୟାଳୟ ଘେରାଉ କରିଛନ୍ତି। ଏବଂ ଆଜି କନିଷ୍ଠ ଯନ୍ତ୍ରୀ ଅନୁପସ୍ଥିତ ଥିବାରୁ ଆଗାମୀ ଦିନରେ ଜିଲାପାଳଙ୍କୁ ଏହି ଅଭିଯୋଗ କରି ରାସ୍ତାରୋକ କରିବେ ବୋଲି କହିଛନ୍ତି। ଏ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସନ୍ତୋଷ କୁମାର ଶତପଥୀଙ୍କୁ ପଚାରିବାରୁ ମୁଁ ବର୍ତ୍ତମାନ ଆସ୍କା କନିଷ୍ଠ ଯନ୍ତ୍ରୀଙ୍କୁ ଦାୟୀତ୍ୱ ଦେଇଛି। ମୁଁ କିଛି କହିପାରିବି ନାହିଁ, ଏବଂ ଏଚ୍‌ଆର୍ ପାଢ଼ୀଙ୍କୁ ଯୋଗାଯୋଗରେ ସେ କହିଥିଲେ ମୁଁ ଲୋକଙ୍କୁଠାରୁ ଶହେ ଟଙ୍କା ଇଣ୍ଡିମେଣ୍ଟ ବଣ୍ଡ ପାଇଁ ନେଇଛି କିନ୍ତୁ ଆବଶ୍ୟକ ମୁତାବକ ପାଣି ହେଉନଥିବାରୁ ସଂଯୋଗ ଦିଆଯାଉ ନାହିଁ।



କାର୍ଯ୍ୟାଳୟକୁ ମହିଳାମାନେ ଘେରାଉ କରିଛନ୍ତି।

■ ମେମୁ ଟ୍ରେନ ଇଚ୍ଛାପୁର ସମ୍ପ୍ରସାରଣକୁ ବିରୋଧ

# ସଂସ୍କାରବାଦୀ, ବରିଷ୍ଠ ନାଗରିକ ମଞ୍ଚର ଦାବିପତ୍ର

ବ୍ରହ୍ମପୁର ଅଫିସ,୨୮।୧

ବ୍ରହ୍ମପୁର-ଭୁବନେଶ୍ୱର ମେମୁ ଟ୍ରେନକୁ ଇଚ୍ଛାପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯିବା ନେଇ ହୋଇଥିବା ନିଷ୍ପତ୍ତିକୁ ବରିଷ୍ଠ ନାଗରିକ ମଞ୍ଚ ଓ ସଂସ୍କାରବାଦୀ ସଗଠନ ପକ୍ଷରୁ ବିରୋଧ କରାଯାଇଛି । ଏହାକୁ ତୁରନ୍ତ ବାତିଲ କରିବା ସହ ଏହା ପ୍ରତିବଦଳରେ ମେମୁ ଟ୍ରେନରେ ଅଧିକ ୫ ବଗି ସଂଯୋଗ କରିବାକୁ ସେମାନେ ଦାବି କରିଛନ୍ତି । ଏନେଇ ସୋମବାର ଉଭୟ ସଂଗଠନ କର୍ମକର୍ତ୍ତାମାନେ ବ୍ରହ୍ମପୁର ଷ୍ଟେଶନ ମ୍ୟାନେଜର ମନୋଜ କୁମାର ଲାକ୍ରାଙ୍କ ସହ ଆଲୋଚନା କରି ଦାବିପତ୍ର ପ୍ରଦାନ କରିଛନ୍ତି। ମେମୁ ଟ୍ରେନ ଇଚ୍ଛାପୁର ପର୍ଯ୍ୟନ୍ତ ସମ୍ପ୍ରସାରଣକୁ ତୁରନ୍ତ ବାତିଲ କରାଯିବା ଓ ଯାତ୍ରୀଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ଟ୍ରେନରେ ଅଧିକ ୫ ବଗି ସଂଯୋଗ କରାଯିବା ଉପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବାକୁ କୁହାଯାଇଛି। ଏଥିସହ ବ୍ରହ୍ମପୁର ରେଳ ଷ୍ଟେଶନର ଉନ୍ନୟନମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ବ୍ରହ୍ମପୁର -ପୁରୀ ସିଧାସଳଖ ରେଳ ଚଳାଚଳ ଦାବିକୁ କାର୍ଯ୍ୟକାରୀ କରାଯିବାକୁ ଦାବିପତ୍ରରେ ଲେଖାଯାଇଛି । ଉପରୋକ୍ତ ଦାବି ପୂରଣ ନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରା ନ ଗଲେ ମାର୍ଚ୍ଚମାସରେ ସଂଗଠନ ପକ୍ଷରୁ ରେଳଷ୍ଟେଶନ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ୨ଘଣ୍ଟିଆ ଧାରଣା ଦିଆଯିବାକୁ ଚେତାବନୀ ଦିଆଯାଇଛି । ଅନ୍ୟପକ୍ଷରେ ଏନେଇ ଉପରୋକ୍ତ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଷ୍ଟେଶନ ମ୍ୟାନେଜର ଲାକ୍ରା ପ୍ରତିଶ୍ରୁତି ଦେଇଥିବା ସଂଗଠନ ପକ୍ଷରୁ କୁହାଯାଇଛି । ଦାବିପତ୍ର ପ୍ରଦାନ ବେଳେ ଉଭୟ ସଂଗଠନ ପ୍ରତିଷ୍ଠାତା ତ୍ରିନାଥ ମହାରଣା, ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ସଂସ୍କାରବାଦୀର କାର୍ଯ୍ୟକାରୀ ସଭାପତି ବୃନ୍ଦାବନ ଖଟେଇଙ୍କ ସମେତ ରଜନୀକାନ୍ତ ମଣ୍ଡଳ, ପ୍ରମୋଦ କୁମାର ସାହୁ, ମୋହନ ଚରଣ ସ୍ୱାଇଁ ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।



ସଂଗଠନର କର୍ମକର୍ତ୍ତାମାନେ ରେଳଷ୍ଟେଶନ ମ୍ୟାନେଜରଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

## ସଂକ୍ଷେପରେ

### ଯୁବକଙ୍କୁ ଆକ୍ରମଣ କରି ଲୁଟ୍, ଜଣେ ଗିରଫ

ବ୍ରହ୍ମପୁର ଅଫିସ୍,୨୮।୧: ଜଣେ ଯୁବକଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଲୁଟ୍ ଅଭିଯୋଗରେ ସୋମବାର ବ୍ରହ୍ମପୁର ଗୋଷଣୀନୂଆଗାଁ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେତୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଗିରଫ ଯୁବକ ଜଣକ ହେଲେ ବିଜିପୁର ବୋର୍ଡିଂ ସାହିର ବାବୁ ପାଣିଗ୍ରାହୀ ।ପ୍ରକାଶଯେ, ୨୦୧୮ ଡିସେମ୍ବର ୧୨ ତାରିଖ ରାତିରେ ଷ୍ଟେଶନ୍ ରୋଡ୍‌ର ଏକ ହୋଟେଲରେ ହିଲ୍‌ପାଟଣା ଅଞ୍ଚଳର ମନୋଜ କୁମାର ସାହୁ ଖାଉଥିଲେ। ସେହି ସମୟରେ ବାବୁ ଏକ ଧାରୁଆ ଅସ୍ତ୍ରରେ ମନୋଜଙ୍କୁ ଆକ୍ରମଣ କରି ୧ ହଜାରଟଙ୍କା ଲୁଟି ନେଇଯାଇଥିଲେ । ମନୋଜ ଚିକିତ୍ସା ହୋଇ ଘଟଣା ସମ୍ପର୍କରେ ଡିସେମ୍ବର ୧୪ରେ ଥାନାକୁ ଯାଇ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ପୋଲିସ ନଂ. ୧୪୯/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ସୋମବାର ଅଭିଯୁକ୍ତ ବାବୁଙ୍କୁ ତାଙ୍କ ଘରୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଆଇଆଇସି କୁଳମଣି ସେଠୀ ସୂଚନା ଦେଇଛନ୍ତି ।

### ଅଗ୍ନିକାଣ୍ଡରେ ୬ ବିପନ୍ନଙ୍କୁ ସରକାରୀ ସହାୟତା

ବ୍ରହ୍ମପୁର ଅଫିସ୍,୨୮।୧: ଜିଲା ଆଇନ ସେବା ପ୍ରାଧିକରଣ କମିଟି (ଡିଏଲଏସ୍ଏ) ହସ୍ତକ୍ଷେପ ପରେ ଗଞ୍ଜାମ ଜିଲା କୋଦଳା ଏବଂ ବୁଗୁଡା ତହସିଲରେ ଅଗ୍ନିକାଣ୍ଡରେ ୬ ବିପନ୍ନ ପରିବାର ବର୍ଗଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯାଇଥିବା ଜଣାପଡିଛି । କୋଦଳା ତହସିଲର କେ.ବରିଡା ଗ୍ରାମର ଦୁଃଖିଆ ଦାସ, ମନ୍ଦାକିନୀ ଦାସ ଓ ଲକ୍ଷ୍ମୀ ଦାସ ଏବଂ ବୁଗୁଡା ତହସିଲର ମଶାଣି ସାହିର ସଦାଶିବ ଜାନୀ, ସୁବାସ ଜାନୀ ଓ ବାସୁଦେବ ଜାନୀଙ୍କର ଅଗ୍ନିକାଣ୍ଡରେ ଘରପୋଡି ଯାଇଥିଲା । ଉକ୍ତ ଖବରପାଇ ପ୍ରାଧିକରଣ ସଚିବ ବିଜୟ କୁମାର ଦାସ କୋଦଳା ତହସିଲଦାର ସଂଗ୍ରାମ କେଶରୀ ଜେନା ଓ ବୁଗୁଡା ତହସିଲଦାର ପ୍ରଭାତ କୁମାର ପରିଡାଙ୍କ ସହିତ ଯୋଗାଯୋଗ କରି ବିପନ୍ନଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରସ୍ତାବ ଦେଇଥିଲେ । ପରେ ତହସିଲ ପ୍ରଶାସନ ପକ୍ଷରୁ ସମସ୍ତ ବିପନ୍ନଙ୍କୁ ୩୨ଶହ ଟଙ୍କା କ୍ଷତିପୂରଣ ସହାୟତା ଅର୍ଥ ସହିତ ପଲିଥିନ୍ ଯୋଗାଇ ଦିଆଯାଇଥିଲା ।

### ଶିକ୍ଷା ପାଇଁ ଗଣଦୌଡ

ଫୁଲବାଣୀ ଅଫିସ, ୨୮।୧: ଶିକ୍ଷା ବିକାଶ ଏବଂ ଶିକ୍ଷାରୁ ଯେପରି କେହି ବଞ୍ଚିତ ନ ହେବେ ସେହି ବାର୍ତ୍ତା ନେଇ କିସ୍ ଓ କିଟ୍ ପକ୍ଷରୁ ଏକ ଗଣଦୌଡ କାର୍ଯ୍ୟକ୍ରମ ଫୁଲବାଣୀରେ ଅନୁଷ୍ଠିତ ହୋଇଯାଇଛି । ବିଟିମ୍ ପଡିଆରୁ ଏହା ଆରମ୍ଭ ହୋଇଥିଲା। ଏସ୍‌ପି ପ୍ରତୀକ ସିଂ ପତାକା ଦେଖାଇ ଏହାକୁ ଉଦ୍‌ଘାଟନ କରିଥିଲେ । ବିଭିନ୍ନ ବିଦ୍ୟାଳୟ, କଲେଜ ଛାତ୍ର ଏଥିରେ ସାମିଲ ହୋଇଥିଲେ । ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଅତିଥି ଭାବେ ବିଧାୟକ ଦୁଗୁନି କହଁର, ବିଶ୍ୱନାଥ ବାରିକ ପ୍ରମୁଖ ଯୋଗଦେଇ ସମସ୍ତଙ୍କୁ ଉଦ୍‌ବୋଧନ ଦେଇଥିଲେ । ଭାଗୀରଥି ସେଠୀ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

■ ପ୍ରଚାରଠାରୁ ବହୁ ଦୂରରେ ବାସ୍ତବତା

# 'ଆବାସ' ପାଇଁ ମହିଳାଙ୍କ ଭିଡ଼

ବ୍ରହ୍ମପୁର ଅଫିସ୍,୨୮।୧



କେତେକ ମହିଳା ଅସନ୍ତୋଷ ପ୍ରକାଶ କରୁଛନ୍ତି ।

- ■ଅଭିଯୋଗ ଶୁଣାଣି ଶିବିରକୁ ଆସିଲେନି ବିଏମ୍‌ସି କମିଶନର
- ■ଜିଲାପାଳଙ୍କ ଉପରକୁ ଦାୟିତ୍ୱ ଠେଲି ଅଧିକାରୀ ଚୁପ୍
- ■ବାରମ୍ବାର ଦୌଡ଼ିବା ସତ୍ତ୍ୱେ କେହି ଶୁଣୁନାହାନ୍ତି ଅଭିଯୋଗ

ସହରୀ ବାସହୀନଙ୍କୁ ବାସଗୃହ ଯୋଗାଇ ଦେବା ପାଇଁ ରହିଛି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ରାଜୀବ ଆବାସ ଯୋଜନା। ଅନେକ ଗରିବ ବାସହୀନଙ୍କୁ ଘର ଦିଆଯାଇଛି ବୋଲି ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ତରଫରୁ ପ୍ରଚାର କରାଯାଉଛି। ହେଲେ ପ୍ରଚାର ଠାରୁ ବହୁ ଦୂରରେ ବାସ୍ତବତା । ଯୋଜନାରେ ଘର ମିଳୁନାହିଁ ବୋଲି ବ୍ରହ୍ମପୁର ସହରର ବିଭିନ୍ନ ଅଞ୍ଚଳରୁ ଅଭିଯୋଗ ଉଠୁଛି । ଅନେକ ବସ୍ତି ବାସିନ୍ଦା ବିଗତ ଦିନରେ ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସୋମବାର ଆବାସ ଯୋଜନାକୁ ନେଇ ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ମଧ୍ୟ ପ୍ରବଳ ଭିଡ଼ ଦେଖିବାକୁ ମିଳିବ । କୌଣସି ଗୋଟିଏ ଅଞ୍ଚଳ ନୁହଁ, ୫ ନଂ. ୱାର୍ଡ଼ ତୁଳସୀନଗର ଏବଂ ନୀଳାଦ୍ରି ବିହାର, ୧୦ନଂ. ୱାର୍ଡ଼ର ଗଙ୍ଗାଧର ସାହି, ୧୮ ନଂ. ୱାର୍ଡ଼ ମଥୁରା ନଗର ଏବଂ ୬ନଂ ୱାର୍ଡ଼ର ଭବାନୀ ନଗରର ବହୁ ସଂଖ୍ୟାରେ ମହିଳା ଅଭିଯୋଗ କରିବାକୁ ଆସିଥିଲେ। କେବଳ ଏତିକି ନୁହଁ, ବ୍ୟକ୍ତିଗତ ଏବଂ ଛୋଟ ଛୋଟ ଦଳ ହୋଇ ୧୬ନଂ. ୱାର୍ଡ଼, ୧୭ନଂ. ୱାର୍ଡ଼ ସହ ଅନ୍ୟାନ୍ୟ ଅଞ୍ଚଳରୁ ବହୁ ମହିଳା ଶିବିରକୁ ଆସିଥିଲେ। ସମସ୍ତଙ୍କ ମୁହଁରେ ଗୋଟିଏ ଦାବି- ଆମକୁ ଘର ଦିଅ । କିନ୍ତୁ ବିଏମ୍‌ସି ଅଧିକାରୀଙ୍କ ଅନୁପସ୍ଥିତିକୁ ନେଇ ସେମାନଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା ।

ପୂର୍ବାହ୍ନ ପ୍ରାୟ ୧୦ଟା ବେଳକୁ ଅଭିଯୋଗ ଶୁଣାଣି ଆରମ୍ଭ ପରେ ପରେ ଗୋଟିଏ ପରେ ଗୋଟିଏ ଅଞ୍ଚଳର ମହିଳାମାନେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ହାତରେ ଆଧାର କାର୍ଡ଼ ଏବଂ ଅନ୍ୟାନ୍ୟ ପରିଚୟପତ୍ର ଥିଲା । ଦଳ ଦଳ ହୋଇ ମହିଳାମାନେ ଉପଜିଲାପାଳ କାର୍ଯ୍ୟାଳୟ ବାରଣ୍ଡାରେ ବସିଥିଲେ । କ୍ରମିକ ସଂଖ୍ୟା ସଂଗ୍ରହ କରି ଅଧିକାରୀଙ୍କ ପାଖକୁ ଯାଇ ଅଭିଯୋଗ କରିଥିଲେ । ସେମାନଙ୍କ କହିବା ହେଲା, ଦୀର୍ଘ ୨୦ରୁ ୩୦ବର୍ଷ ହେଲା ସେମାନେ ଭଡ଼ା ଘରେ ରହୁଛନ୍ତି । ଅନେକ ସେଥିରୁ ଜୋତା ସିଲେଇ କାମ କରୁଛନ୍ତି। ଆଉ କେତେକ ଦିନ ମଜୁରିଆ । ସ୍ୱଳ୍ପ ଆୟର ଏକ ବଡ଼ ଅଂଶ କେବଳ ଘର ଭଡ଼ା ଦେବାରେ ଖର୍ଚ୍ଚ ହେଉଛି । ପୁଣି ପିଲାଙ୍କ ପାଠ ପଢ଼ା ଏବଂ ଅନ୍ୟାନ୍ୟ ଆବଶ୍ୟକତା ମଧ୍ୟ ରହିଛି । ଯେତିକି ରୋଜଗାର କରୁଛନ୍ତି, ମାସ ଶେଷରେ କିଛି ବଳୁନି । ଏଣୁ ଯଦି ସରକାର ଘର ଖଣ୍ଡିଏ ଯୋଗାଇ ଦିଅନ୍ତି, ସେମାନଙ୍କ ଘର ଭଡ଼ା ଖର୍ଚ୍ଚ ବଞ୍ଚି ଯା'ନ୍ତା । ବହୁ ଥର ଏନେଇ ବିଏମ୍‌ସି କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଅଭିଯୋଗ ପତ୍ର ଦେଇଛନ୍ତି। ହିତାଧିକାରୀ ହେବାକୁ ଆବେଦନ କରିଛନ୍ତି, ଅଥଚ ଘର ମିଳିନି । ବାରମ୍ବାର ବିଏମ୍‌ସି କାର୍ଯ୍ୟାଳୟକୁ ଦୌଡୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନି। ଓଲଟି ଅଧିକାରୀମାନେ କହୁଛନ୍ତି, ଜିଲାପାଳଙ୍କ ପାଖରେ ଅଭିଯୋଗ କରିବା ପାଇଁ। ପ୍ରତି ମାସ ଶେଷ ସୋମବାରରେ ବ୍ରହ୍ମପୁରରେ ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ଉପସ୍ଥିତ ରହିଥାନ୍ତି । କିନ୍ତୁ ଏହି ମହିଳାମାନେ ଯେତେ ଶିବିରରେ ଅଭିଯୋଗ କରିବାକୁ ଆସିଛନ୍ତି, ସେହି ଶିବିରରେ ଜିଲାପାଳ ଅନୁପସ୍ଥିତ ରହୁଛନ୍ତି । ଅନ୍ୟ ପ୍ରଶାସନିକ ଅଧିକାରୀମାନେ କେବଳ ଆଶ୍ୱାସନା ଦେଇ ଫେରାଇ ଦେଉଛନ୍ତି । ଏଣୁ ତୁରନ୍ତ ଆବାସ ଯୋଜନାରେ ଘର ପ୍ରଦାନ କରିବାକୁ ମହିଳା ଦାବି କରିଛନ୍ତି ।

ବ୍ରହ୍ମପୁରରେ ଅନୁଷ୍ଠିତ ହେଉଥିବା ଜନ ଅଭିଯୋଗ ଶୁଣାଣି ଶିବିରରେ ବିଏମ୍‌ସି କମିଶନର ଯୋଗଦେବା କଥା। ହେଲେ ସୋମବାର ଶିବିରରେ କମିଶନର ଅନୁପସ୍ଥିତ ଥିଲେ, ଶତାଧିକ ମହିଳା ବିଏମ୍‌ସି ବିରୋଧରେ ଅଭିଯୋଗ ନେଇ ଶିବିରକୁ ଆସିଥିଲେ । କିନ୍ତୁ ଅଭିଯୋଗ ଶୁଣିବା ପାଇଁ ବିଏମ୍‌ସିର କୌଣସି ଉଚ୍ଚପଦସ୍ଥ ଅଧିକାରୀ ଉପସ୍ଥିତ ନ ଥିଲେ । ଯାହାକୁ ନେଇ ହନ୍ତସନ୍ତ ହୋଇଯାଇଥିଲେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଦାଶ । ସେ ମହିଳାଙ୍କୁ ବୁଝାଇବାକୁ ଯେତେ ଚେଷ୍ଟା କରିଥିଲେ ମଧ୍ୟ ମହିଳାମାନେ କିଛି ଶୁଣି ନ ଥିଲେ । କମିଶନର ଅନୁପସ୍ଥିତ ରହିଲେ ସାଧାରଣତଃ ଡେପୁଟି କମିଶନର୍ ଶିବିରରେ ଯୋଗଦେଇ ଅଭିଯୋଗ ଶୁଣନ୍ତି । ବ୍ରହ୍ମପୁର ଉପଖଣ୍ଡସ୍ତରୀୟ ଏହି ଶିବିର ଆୟୋଜିତ ହେଉଥିଲେ ମଧ୍ୟ ପ୍ରାୟତଃ ସବୁଥର ବିଏମ୍‌ସି ବିରୋଧରେ ହିଁ ଅଧିକାଂଶ ଅଭିଯୋଗ ହୋଇଥାଏ। ହେଲେ ବିଏମ୍‌ସିର ଅଧିକାରୀଙ୍କ ଅନୁପସ୍ଥିତିରେ ଅସନ୍ତୋଷ ସୃଷ୍ଟି କରିଛି ।

### ଅଗ୍ନିକାଣ୍ଡରେ ୨ ଚିକିତ୍ସାଧୀନଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ୍,୨୮।୧

ବ୍ରହ୍ମପୁର ବଡ ମେଡିକାଲରେ ଅଗ୍ନିକାଣ୍ଡରେ ଗୁରୁତର ହୋଇ ଚିକିତ୍ସିତ ହେଉଥିବା ଦୁଇ ଜଣଙ୍କର ସୋମବାର ମୃତ୍ୟୁ ଘଟିଛି। ସେମାନେ ହେଲେ ରାୟଗଡା ଜିଲା ଚନ୍ଦ୍ରପୁର ଥାନା ଅଧୀନ ବଡସାହିର ଗୋକୁଳଚନ୍ଦ୍ର ଦୋରା (୨୮) ଓ ଭାଗୀରଥି ପରିଚ୍ଛା(୩୫) ।

ପ୍ରକାଶଯେ, ରବିବାର ରାତିରେ ଚକ୍ରପୁର ନିକଟ ଏକ କୁକୁଡାଫାର୍ମରେ ରାତିରେ ଗୋକୁଳ ଓ ଭାଗୀରଥି ଶୋଇଥିବା ବେଳେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟିଥିଲା । ଉଭୟଙ୍କୁ ସ୍ଥାନୀୟ ବାସିନ୍ଦା ଉଦ୍ଧାର କରି ଚକ୍ରପୁର ମେଡିକାଲରେ ଭର୍ତ୍ତି କରିଥିଲେ । ପରେ ଅଧିକ ଚିକିତ୍ସା ଲାଗି ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ସେମାନଙ୍କ ଶରୀର ଶତ ପ୍ରତିଶତ ଜଳିଯାଇଥିବାରୁ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା । ଏନେଇ ବୈଦ୍ୟନାଥପୁର ପୋଲିସ ନଂ. ୪୪ ଓ ୪୫/୧୯ରେ ଦୁଇଟି ପୃଥକ ପୃଥକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଆଇଆଇସି ଜୟକୃଷ୍ଣ ପଟ୍ଟନାୟକ ସୂଚନା ଦେଇଛନ୍ତି ।

■ ଯୁକ୍ତ ୨ ପ୍ରାକ୍ଟିକାଲ୍ ପରୀକ୍ଷା ଆରମ୍ଭ

# ଗଞ୍ଜାମରେ ୭୨ ପରୀକ୍ଷାକେନ୍ଦ୍ର



ବ୍ରହ୍ମପୁରସ୍ଥିତ ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତ ୨ ପ୍ରାକ୍ଟିକାଲ୍ ପରୀକ୍ଷା ଚାଲିଛି ।

ବ୍ରହ୍ମପୁର ଅଫିସ୍,୨୮।୧

ଚଳିତ ବର୍ଷ ପାଇଁ ଯୁକ୍ତ ୨ ପ୍ରାକ୍ଟିକାଲ୍ ପରୀକ୍ଷା ଆରମ୍ଭ ହୋଇଛି । ବିଜ୍ଞାନ, ବାଣିଜ୍ୟ ଏବଂ କଳା ବିଭାଗର ବିଭିନ୍ନ ବିଷୟରେ ପରୀକ୍ଷା ହେବ। ପ୍ରଥମ ଦିନ ରସାୟନ ବିଜ୍ଞାନ, ପଦାର୍ଥ ବିଜ୍ଞାନ, ଉଦ୍ଭିଦ ବିଜ୍ଞାନ ଓ ପ୍ରାଣୀ ବିଜ୍ଞାନ ବିଷୟରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଗଞ୍ଜାମ ଜିଲାରେ ଯୁକ୍ତ ୨ ପରୀକ୍ଷା ପାଇଁ ୭୨ ପରୀକ୍ଷା କେନ୍ଦ୍ର କରାଯାଇଛି। ପ୍ରଶ୍ନପତ୍ର ଗଚ୍ଛିତ ପାଇଁ ୧୬ ହବ୍ ରହିଛି। ପ୍ରଥମ ଦିନ ବିଜ୍ଞାନ ବିଷୟରେ ପରୀକ୍ଷା ଅନୁଷ୍ଠିତ ହୋଇଥିବା ବେଳେ ଗଞ୍ଜାମ ଜିଲାର ୧୦ହଜାର ୫୬ ପରୀକ୍ଷା ଦେଇଛନ୍ତି । ଦୁଇଟି ସିଟିଂରେ ପରୀକ୍ଷା ଚାଲିଛି । ପ୍ରଥମ ସିଟିଂ ସକାଳ ୧୦ଟାରୁ ଅପରାହ୍ନ ଗୋଟାଏ ଏବଂ ଦ୍ୱିତୀୟ ସିଟିଂ ଅପରାହ୍ନ ଦୁଇଟାରୁ ୫ଟାଏଁ ଚାଲିବ । ଆସନ୍ତା ଫେବୃୟାରୀ ୮ତାରିଖ ପର୍ଯ୍ୟନ୍ତ ପ୍ରାକ୍ଟିକାଲ୍ ପରୀକ୍ଷା ଅନୁଷ୍ଠିତ ହେବ ।

ଅନ୍ୟପଟେ ଚଳିତ ବର୍ଷ ପରୀକ୍ଷାକୁ ଅବାଧ ଏବଂ କପି ମୁକ୍ତ ପାଇଁ ବିଭାଗ ତରଫରୁ ଗୁରୁତ୍ୱ ଦିଆଯାଇଛି। ସମସ୍ତ ପରୀକ୍ଷା କେନ୍ଦ୍ରରେ ବହୁ ପୂର୍ବରୁ ସିସିଟିଭି କ୍ୟାମେରା ଖଞ୍ଜା ଯାଇଛି। ବିଭାଗ ତରଫରୁ କେତେକ କେନ୍ଦ୍ରରେ ଏହାର ଯାଞ୍ଚ ମଧ୍ୟ କରାଯାଇଛି। ପ୍ରତ୍ୟେକ ପରୀକ୍ଷାକେନ୍ଦ୍ରକୁ ଅନ୍ୟ ମହାବିଦ୍ୟାଳୟରୁ ଏକ୍ସଟର୍‌ନାଲ୍‌ଙ୍କୁ ନିଯୁକ୍ତି ଦିଆଯାଇଛି। ଯେଉଁ ପରୀକ୍ଷା କେନ୍ଦ୍ରରେ କୌଣସି ପ୍ରକାର ଅନିୟମିତତା ଜଣାପଡ଼ିବ, ଏନେଇ ସୂଚନା ଦେବାକୁ କୁହାଯାଇଛି । କୌଣସି ପରୀକ୍ଷା କେନ୍ଦ୍ରରୁ, କୌଣସି ପ୍ରକାର ଅଭିଯୋଗ ଆସି ନାହିଁ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଦକ୍ଷିଣାଞ୍ଚଳ ଉପସଚିବ କୁଳମଣି ଓଝା ପ୍ରକାଶ କରିଛନ୍ତି ।

### ଟ୍ରାକ୍ଟର ଚାପାରେ ନାବାଳିକା ମୃତ

ହିଞ୍ଜିଳିକାଟୁ,୨୮।୧(ଡି.ଏନ୍.ଏ.)

ହିଞ୍ଜିଳି ଥାନା ଖଣ୍ଡରା ଗ୍ରାମରେ ସୋମବାର ପୂର୍ବାହ୍ନରେ ଟ୍ରାକ୍ଟର ଚକା ତଳେ ଚାପି ହୋଇ ଜଣେ ୪ ବର୍ଷିୟ ନାବାଳିକାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ହିଞ୍ଜିଳିକାଟୁ ବ୍ଲକ ସାପୁଆପଲ୍ଲୀ ଗ୍ରାମର ରୁପାଲି ଦାଶ। ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଛି। ଦୁର୍ଘଟଣା ଘଟାଇ ଚାଳକ ଫେରାର୍ ହୋଇଯାଇଥିବା ବେଳେ ଟ୍ରାକ୍ଟରକୁ ପୋଲିସ ଜବତ କରି ତଦନ୍ତ ଚଳାଇଛି । ମା', ବାପାଙ୍କ ସହ ରୁପାଲି ନିଜ ମାମୁଘର ଖଣ୍ଡରାକୁ ଆସିଥିଲେ । ରାସ୍ତାରେ ଖେଳୁଥିବା ବେଳେ ମାଟି ବୋଝେଇ ଟ୍ରାକ୍ଟରର ପଛ ଚକାରେ ଚାପି ହୋଇ ଯାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଥାନାରେ ନଂ.୩୩/୧୯ରେ ମାମଲା ରୁଜୁ ହୋଇଛି।

### ୧୪୭ ଅଭିଯୋଗ ଶୁଣିଲେ ଅଧିକାରୀ



ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି ।

ବ୍ରହ୍ମପୁର ଅଫିସ୍,୨୮।୧

ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଦାଶ, ଉପଜିଲାପାଳ ଦିଗନ୍ତ ରାଉତରାୟ ଏବଂ ବ୍ରହ୍ମପୁର ଡିଏସ୍‌ପି କୃଷ୍ଣ ପ୍ରସାଦ ଦାଶ ପ୍ରମୁଖ ଉପସ୍ଥିତ ରହି ୧୪୭ ଅଭିଯୋଗର ଶୁଣାଣି କରିଥିଲେ । ସେଥିରୁ ୧୬ ବ୍ୟକ୍ତିଗତ ଅଭିଯୋଗ ଥିଲା। ୧୨୭ ଅଭିଯୋଗର ତ୍ୱରିତ ଫଇସଲା କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୩ ଜଣଙ୍କୁ ୨୨ହଜାର ଟଙ୍କା ସହାୟତା ରାଶି ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପଖଣ୍ଡର ସମସ୍ତ ବିଡ଼ିଓ, ତହସିଲଦାର ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଉପଜିଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀମାନେ ପରିଚାଳନାରେ ସହଯୋଗ କରିଥିଲେ ।

### କାରା ମଣ୍ଡଳ ଅଧିକାରୀଙ୍କୁ ରାଷ୍ଟ୍ରପତି ପଦକ

ବ୍ରହ୍ମପୁର ଅଫିସ୍,୨୮।୧

ବ୍ରହ୍ମପୁର ମଣ୍ଡଳ କାରାଗାରର କାରା ମଣ୍ଡଳ ଅଧିକାରୀ ବିଜୟ ଚନ୍ଦ୍ର ରଥଙ୍କୁ ସାଧାରଣତନ୍ତ୍ର ଦିବସ ଅବସରରେ ରାଷ୍ଟ୍ରପତି ପଦକ ମିଳିଛି। ଭୁବନେଶ୍ୱର ସୂଚନା ଭବନରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ । ସେବା କାର୍ଯ୍ୟ ପାଇଁ ତାଙ୍କୁ ସେବା ପଦକ ମିଳିଛି । ଏହା ପୂର୍ବରୁ ସେ ୨୦୧୨ ସାଧାରଣତନ୍ତ୍ର ଦିବସରେ ମଧ୍ୟ ରାଷ୍ଟ୍ରପତିଙ୍କ ଦ୍ୱାରା ସଂସ୍କାର ସେନା ପଦକ ହାସଲ କରିଥିଲେ । ୧୯୯୨ରେ ରଥ କାରା ବିଭାଗରେ କାର୍ଯ୍ୟାରମ୍ଭ କରିଥିଲେ । ସେ ସର୍ବଦା ଅନ୍ତେବାସୀଙ୍କୁ ଉକ୍ତି, ମୁକ୍ତି, ଶିକ୍ଷିତ, ଥଇଥାନ ଓ ଅନ୍ତେବାସୀଙ୍କ ପିଲାଙ୍କୁ ଶିକ୍ଷିତ କରିବା ସହ କଏଦୀଙ୍କ ମାନସିକତାକୁ ପରିବର୍ତ୍ତନ ପାଇଁ କାର୍ଯ୍ୟକରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି ।

## ସେବା ଆଶ୍ରମରେ କ୍ଲବ ଇନୋଭା

ବ୍ରହ୍ମପୁର ଅଫିସ୍,୨୮।୧

କନିଷି ନବଜୀବନ ସେବା ଆଶ୍ରମକୁ କ୍ଲବ ଇନୋଭା ପରିବାରର ଛାତ୍ରୀଛାତ୍ରମାନେ ଯାଇ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି। ଏହି କାର୍ଯ୍ୟକ୍ରମଗୁଡ଼ିକରେ ସୁରେଶ ପଟ୍ଟନାୟକ ଯୋଗ ଦେଇଥିଲେ। ଆଶ୍ରମରେ ପ୍ରାୟ ଶହେ ଅନ୍ତେବାସୀ ରହୁଛନ୍ତି। ସେମାନଙ୍କ ମଧ୍ୟରୁ ଅନେକ ବେଦ ଶିକ୍ଷା ଗ୍ରହଣ କରୁଥିବା ବେଳେ ପ୍ରାଥମିକ ଶ୍ରେଣୀରେ ପଢୁଥିବା ଅନ୍ତେବାସୀ ମଧ୍ୟ ଅଛନ୍ତି। ଏହି ଅବସରରେ କ୍ଲବ ଇନୋଭା ତରଫରୁ ସଂଗୀତ, ବେଦ, ଅନ୍ତାକ୍ଷରୀ, ଚିତ୍ରାଙ୍କନ, ହସ୍ତାକ୍ଷର ଏବଂ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ସେମାନଙ୍କ ମଧ୍ୟର ଅନେକ ଅନ୍ତେବାସୀ ଏହି ପ୍ରତିଯୋଗିତାଗୁଡ଼ିକରେ ଉନ୍ନତ ପ୍ରଦର୍ଶନ କରିଥିଲେ। ଅନ୍ତେବାସୀଙ୍କ ଆଗ୍ରହକୁ ଦେଖି ଇନୋଭାର ସଦସ୍ୟା ସଦସ୍ୟମାନେ କଳା ଓ ହସ୍ତଶିଳ୍ପ କର୍ମଶାଳା ଆୟୋଜନ କରିଥିଲେ । ଶେଷରେ ଅନ୍ତେବାସୀଙ୍କୁ ବସ୍ତ୍ର ଏବଂ ଅନ୍ୟାନ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ, ନିଷ୍ଟ ଶିକ୍ଷାନୁଷ୍ଠାନର କେତେକ ଉତ୍ସାହୀ ଛାତ୍ରୀଛାତ୍ରଙ୍କୁ ନେଇ ଏହି 'କ୍ଲବ ଇନୋଭା' ଗଠିତ ହୋଇଛି । କ୍ଲବ ତରଫରୁ ବିଭିନ୍ନ ସମୟରେ ସଚେତନତା ମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ।




ଅନ୍ତେବାସୀଙ୍କ ଗହଣରେ କ୍ଲବ ଇନୋଭାର ସଦସ୍ୟା, ସଦସ୍ୟ ।

## ଜାତୀୟ ବଲ୍ ବ୍ୟାଡମିଣ୍ଟନ ଦଳରେ ବ୍ରହ୍ମପୁରର ଆଶୁତୋଷ

ବ୍ରହ୍ମପୁର ଅଫିସ୍,୨୮।୧

ଭାରତୀୟ ଜାତୀୟ ବଲ୍ ବ୍ୟାଡମିଣ୍ଟନ ଦଳରେ ପୁଣି ଥରେ ସ୍ଥାନ ପାଇଛନ୍ତି ବ୍ରହ୍ମପୁରର ପ୍ରତିଭାବାନ୍ ଖେଳାଳି ଆଶୁତୋଷ ରଥ । ଏନେଇ ଭାରତୀୟ ବଲ୍ ବ୍ୟାଡମିଣ୍ଟନ ମହାସଂଘ ତରଫରୁ ଘୋଷଣା କରାଯାଇଛି। ଫେବୃୟାରୀ ୫ରୁ ୭ତାରିଖ ପର୍ଯ୍ୟନ୍ତ ନେପାଳର ଭିରାଟ୍‌ନଗରରେ ଅନୁଷ୍ଠିତ ହେବାକୁ ଥିବା ଇଣ୍ଡୋ-ନେପାଲ୍ ଟେଷ୍ଟମ୍ୟାଚ୍‌ରେ ଭାରତ ତରଫରୁ ଆଶୁତୋଷ ଖେଳିବେ। ଏହି ପ୍ରତିଯୋଗିତା ପାଇଁ ୧୨ ବାଳକ ଏବଂ ୧୨ ବାଳିକାଙ୍କ ନାମ ଘୋଷଣା କରାଯାଇଛି। ଖେଳାଳିଙ୍କୁ ନେଇ ବିହାର ଅରିଆରରେ ଫେବୃୟାରୀ ୩ ଏବଂ ୪ତାରିଖରେ ପ୍ରଶିକ୍ଷଣ ଶିବିର ଆୟୋଜିତ ହେବ । ଶିବିର ଶେଷ ହେବା ପରେ ଖେଳାଳିମାନେ ନେପାଳ ଗସ୍ତ କରିବେ। ଭାରତୀୟ ଦଳରେ ସ୍ଥାନ ପାଇବା ପରେ ଆଶୁତୋଷ ଉତ୍ସାହିତ ଥିବା କହିଛନ୍ତି । ପ୍ରତିଯୋଗିତାରେ ନିଶ୍ଚିତ ଭଲ ପ୍ରଦର୍ଶନ କରି ଭାରତକୁ ଚାମ୍ପିୟନ୍ କରିବା ଲକ୍ଷ୍ୟ ରହିବ ବୋଲି ସେ ପ୍ରକାଶ କରିଛନ୍ତି । ଆଶୁତୋଷଙ୍କୁ ଗଞ୍ଜାମ ଜିଲା ବଲ୍ ବ୍ୟାଡମିଣ୍ଟନ ସଂଘ ସଭାପତି ସଚ୍ଚିଦାନନ୍ଦ ଦାସ ଏବଂ ସମ୍ପାଦକ ସଞ୍ଜୟ ବିଷୋୟୀ ଓ ଓଡ଼ିଶା ରାଜ୍ୟ ବଲ୍ ବ୍ୟାଡମିଣ୍ଟନ୍ ସଂଘ ସମ୍ପାଦକ ସୁକାନ୍ତ ଦାସ ଶୁଭେଚ୍ଛା ପ୍ରଦାନ କରିଛନ୍ତି ।



ଆଶୁତୋଷ ରଥ ।

ଏହା ପୂର୍ବରୁ ଆଶୁତୋଷ ୨୦୧୮ ମାର୍ଚ୍ଚ ୧୭ରୁ ୧୯ତାରିଖ ପର୍ଯ୍ୟନ୍ତ ମାଲେସିଆରେ ଅନୁଷ୍ଠିତ ଟେଷ୍ଟ ସିରିଜ୍‌ରେ ମଧ୍ୟ ଭାରତୀୟ ଦଳରେ ସ୍ଥାନ ପାଇଥିଲେ । ଏହି ସିରିଜ୍‌ରେ ଭାରତ ସମେତ ମାଲଏସିଆ ଏବଂ ଇଣ୍ଡୋନେସିଆ ଖେଳିଥିଲା। ଭାରତ ଚାମ୍ପିୟନ୍ ହୋଇଥିଲା । ଚାମ୍ପିୟନ୍ ଭାରତୀୟ ଦଳରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ ଆଶୁତୋଷ। ୨୦୧୫ରେ ବଲ୍ ବ୍ୟାଡମିଣ୍ଟନ୍ ଖେଳିବା ଆରମ୍ଭ କରିଥିବା ଆଶୁତୋଷ ଏହା ଭିତରେ ବହୁ ରାଜ୍ୟସ୍ତରୀୟ ଏବଂ ଜାତୀୟ ପ୍ରତିଯୋଗିତାରେ ଭାଗ ନେଇଛନ୍ତି । କ୍ରିକେଟ୍‌ରେ କ୍ୟାରିୟର୍ ଆରମ୍ଭ କରିଥିଲେ ମଧ୍ୟ ବଲ୍ ବ୍ୟାଡମିଣ୍ଟନ୍‌ରେ ତାଙ୍କୁ ସଫଳତା ମିଳିଥିଲା । କୋଚ୍ ସଞ୍ଜୟ ବିଷୋୟୀ ଏବଂ ସୁନିତା ପଣ୍ଡା ତାଙ୍କୁ ତାଲିମ ଏବଂ ମାର୍ଗଦର୍ଶନ ଦେଇଥିଲେ। ୨୦୧୬ ଜୁନ୍ ୧୦ତାରିଖରେ ଜଗତ୍‌ସିଂହପୁରରେ ଆୟୋଜିତ ୨୩ତମ ରାଜ୍ୟ ଜୁନିୟର୍ ବଲ୍ ବ୍ୟାଡମିଣ୍ଟନ୍ ଚାମ୍ପିୟନ୍‌ଶିପ୍‌ରେ ଗଞ୍ଜାମ ତରଫରୁ ଖେଳିଥିଲେ। ସେହି ବର୍ଷ ଡିସେମ୍ବର ୧୧ରେ ଜୟପୁରରେ ଅନୁଷ୍ଠିତ ୨୪ତମ ବରିଷ୍ଠ ବଲ୍ ବ୍ୟାଡମିଣ୍ଟନ୍ ଚାମ୍ପିୟନ୍‌ଶିପ୍‌ରେ ଗଞ୍ଜାମ ତରଫରୁ ଖେଳିବାକୁ ସୁଯୋଗ ପାଇଥିଲେ ଆଶୁତୋଷ। ଏହା ପରେ ୨୦୧୭ ଜୁନ୍ ୮ରେ ୨୪ତମ ଜୁନିୟର୍ ବଲ୍ ବ୍ୟାଡମିଣ୍ଟନ୍ ଚାମ୍ପିୟନ୍‌ଶିପ୍‌ରେ ସେ ଉନ୍ନତ ଖେଳ ପ୍ରଦର୍ଶନ କରିଥିଲେ। ଫଳରେ ୨୦୧୭ ଜୁନ୍ ୨୭ରେ ଦିଲ୍ଲୀରେ ଅନୁଷ୍ଠିତ ବରିଷ୍ଠ ଆନ୍ତଃଜୋନ୍ ବଲ୍ ବ୍ୟାଡମିଣ୍ଟନ୍ ଚାମ୍ପିୟନ୍‌ଶିପ୍‌ରେ ଆଶୁତୋଷଙ୍କୁ ଓଡ଼ିଶା ଦଳରେ ସ୍ଥାନ ମିଳିଥିଲା। ସେ ଜାତୀୟ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲେ । ପରେ ୨୦୧୭ ଡିସେମ୍ବର ୧ ତାରିଖରେ କଟକରେ ଅନୁଷ୍ଠିତ ୨୫ତମ ବରିଷ୍ଠ ବଲ୍ ବ୍ୟାଡମିଣ୍ଟନ୍ ଚାମ୍ପିୟନ୍‌ଶିପ୍‌ରେ ମଧ୍ୟ ଆଶୁତୋଷ ଖେଳିଛନ୍ତି । ୨୦୧୭ ଡିସେମ୍ବର ୪ତାରିଖରେ ୬୩ତମ ଜାତୀୟ କନିଷ୍ଠ ବଲ୍ ବ୍ୟାଡମିଣ୍ଟନ୍ ଚାମ୍ପିୟନ୍‌ଶିପ୍‌ରେ ଆଶୁତୋଷଙ୍କ ପ୍ରଦର୍ଶନ ତାଙ୍କୁ ଜାତୀୟ ଦଳରେ ସାମିଲ ପାଇଁ ସୁଯୋଗ ଦେଇଥିଲା ।

ବ୍ରହ୍ମପୁର ସହରର ପାଣିଗ୍ରାହୀପେଣ୍ଠ ବ୍ରଜରାଜନଗର ୪ର୍ଥ ଲେନ୍ ନିବାସୀ ପ୍ରଶାନ୍ତ କୁମାର ରଥ ଏବଂ ଲକ୍ଷ୍ମୀ କୁମାରୀଙ୍କ ପୁଅ ଆଶୁତୋଷ ସମ୍ପ୍ରତି ବିସିଏ ପଢୁଛନ୍ତି । ଜାତୀୟ ଦଳରେ ସ୍ଥାନ ମିଳିଥିବା ଯୋଗୁ ତାଙ୍କୁ ବିଭିନ୍ନ ସ୍ଥାନରୁ ଶୁଭେଚ୍ଛା ମିଳୁଛି ।

ଧରିତ୍ରୀ
DHARITRI
ବ୍ରହ୍ମପୁର, ମଙ୍ଗଳବାର, ୨୯ ଜାନୁୟାରୀ, ୨୦୧୯



## ସଂକ୍ଷେପରେ

### ମା' ସନ୍ତୋଷୀ ହ୍ୟାଣ୍ଡବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବୁଗୁଡ଼ା,୨୮।୧(ଡି.ଏନ.ଏ.): ବୁଗୁଡ଼ା ଏନ୍‌ଏସିର ଭିଏସ କଲୋନି ପଡ଼ିଆରେ ଫ୍ରେଣ୍ଡସ୍ କ୍ଲବ ତରଫରୁ ସୋମବାର ହ୍ୟାଣ୍ଡବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ଏହାକୁ ବିଧାୟକ ଶ୍ରୀକାନ୍ତ ସାହୁ ଉଦ୍‌ଘାଟନ କରିଥିଲେ । ଏଥିରେ ବ୍ଲକ ଅଧକ୍ଷ ପ୍ରତିନିଧି ବରୁଣ ସେନାପତି, ଜିଲା ବିଜେଡି ସମ୍ପାଦକ ସୁଧାଂଶୁ ପାଢ଼ୀ, ନଗର ବିଜେଡି ସଭାପତି ରାଜେନ୍ଦ୍ର ପାଢ଼ୀ, କେ. ତ୍ରିଲୋଚନ ଦୋରା, ପ୍ରଦୀପ କୁମାର ଦାଶ, ଏ. ଚନ୍ଦନ ଚର୍ଚ୍ଚିତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ହ୍ୟାଣ୍ଡବଲ ଟୁର୍ନାମେଣ୍ଟ ଆଠଗଡ଼ ଓ ଛଚିନା ମଧରେ ହୋଇଥିଲା । ଏଥିରେ ଆଠଗଡ଼ ଟିମ ୨-୧ ଗେମ୍‌ରେ ଛଚିନାକୁ ହରାଇ ବିଜୟୀ ହୋଇଥିଲା । ସେହିପରି ଅନ୍ୟ ଏକ ମ୍ୟାଚରେ ଢୁଙ୍କାପଡ଼ା ଟିମ ମଧ ୨-୧ ଗେମ୍‌ରେ କୋଦଲା ଟିମକୁ ହରାଇ ବିଜୟୀ ହୋଇଥିଲା। ରେଫରି ଭାବେ ସନିଆ ମହାରଣା ଦାୟିତ୍ୱ ତୁଲାଇଥିଲେ ।

### ପୋଚିଲିମା ଜୁନିୟର କଲେଜର ବାର୍ଷିକୋତ୍ସବ

ହିଞ୍ଜିଳିକାଟୁ,୨୮।୧(ଡି.ଏନ୍.ଏ.): ହିଞ୍ଜିଳିକାଟୁ ବ୍ଲକ ପୋଚିଲିମା ଖାମ୍ଭେୟାଦୋରା ଜୁନିୟର କଲେଜର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷ ଏନ. ରଘୁନାଥ, ମୁଖ୍ୟ ବକ୍ତା ଭାବେ ହିଞ୍ଜିଳି ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ଓ ସମ୍ମାନୀତ ଅତିଥି ଭାବେ ପୋଚିଲିମା ସରପଞ୍ଚ ଭି. ରବୀନ୍ଦ୍ର ମଞ୍ଚାସୀନ ଥିଲେ। ଅଧ୍ୟକ୍ଷ ରବୀନ୍ଦ୍ର ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ଏଥିରେ ପୁରସ୍କୃତ କରାଯାଇଥିଲା। ଅଧାପକ ନୀଳାଞ୍ଚଳ ପାଣିଗ୍ରାହୀ ଓ ଅଧାପିକା ଗାୟତ୍ରୀ ପାଉଲ, ଡ. ପ୍ରଦୀପ କୁମାର ପଟ୍ଟନାୟକ, ସଞ୍ଜୟ କୁମାର ଷଡଙ୍ଗୀ, ରମଶେ ଚନ୍ଦ୍ର ସାହୁ, କୈଳାସ ଚନ୍ଦ୍ର ପୋଲାଇ, ଦଣ୍ଡପାଣି ଡାକୁଆ, ଇନ୍ଦ୍ର ମୋହନ ଆପଟ, ଉମେଶ ଚନ୍ଦ୍ର ସାହୁ, ବାଲେଶ୍ୱର ପୃଷ୍ଟି, ବିଜୟ କୁମାର ସାହୁ, ଏସ. ରାଜାରାଓ ପ୍ରମୁଖ ଅଧାପକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବିଦ୍ୟାଳୟର ବାର୍ଷିକୋତ୍ସବ



ଆସିକ,୨୮।୧(ଡି.ଏନ୍.ଏ.): ଆସିକା ବ୍ଲକ ପାଣ୍ଡିଆପଥରସ୍ଥିତ ଖାରି ବାବାଜୀ ଦୋରା ବିଦ୍ୟାପୀଠ ଓ ଜୟଦୁର୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମିଳିତ ବାର୍ଷିକ ଉତ୍ସବ ଶୁକ୍ରବାର ମଧାହ୍ନରେ କେ. ରାଜେନ୍ଦ୍ର ଦୋରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆସିକା ବ୍ଲକ ଅଧକ୍ଷ ହରେକୃଷ୍ଣ ମଲିକ ମୁଖ୍ୟ ଅତିଥି, ଏବଂ ସମ୍ମାନିତ ଅତିଥି ଭାବେ ସରପଞ୍ଚ ନୀଳାଞ୍ଚଳ ଗୌଡ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୀପକ କୁମାର ମହନ୍ତ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରବିନାରାୟଣ ଗୌଡ ହରିବନ୍ଧୁ ମହାନ୍ତି, ରାମକୃଷ୍ଣ ପଣ୍ଡା, ଶୁଭ୍ରାଂଶୁ ରଥ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କ୍ରୀଡ଼ା କ୍ଷେତ୍ରରେ ବାଳିକା ବିଭାଗରେ ପୂର୍ଣ୍ଣବାସୀ ଗୌଡ ଓ ବାଳକ ବିଭାଗରେ ଅଜୟ ସେଠୀ ଚାମ୍ପିୟନ ହୋଇଥିଲେ। ଅନ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ପୁରାତନ ଛାତ୍ରଙ୍କ ବନ୍ଧୁମିଳନ



ପାତ୍ରପୁର,୨୮।୧(ଡି.ଏନ୍.ଏ.): ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀ ସ୍ଥିତ ଭରତପତି ମହାବିଦ୍ୟାଳୟରେ ଅଧ୍ୟୟନ କରିଥିବା ୨୦୦୪ରୁ୦୬ ବିଜ୍ଞାନ ବ୍ୟାଚର ବନ୍ଧୁମିଳନ କଲେଜ ପରିସରରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡକ୍ଟର ଜଗନ୍ନାଥ ପାତ୍ର, ଅବସର ପ୍ରାଧାପକ ଡକ୍ଟର କବିରାଜ ରାଉତ, ହରିଶ୍ଚନ୍ଦ୍ର ସାହୁ, ପ୍ରଦୀପ କୁମାର ପାଢ଼ୀ, ଭାରପ୍ରାପ୍ତ ଅଧକ୍ଷ ମାନସ ରନ ଆଚାର୍ଯ୍ୟ, ପିଇଟି ସୁଧାକର ବିଷୋୟୀ, ଅଧାପିକା ସୁବ୍ରତା ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ମଞ୍ଚାସୀନ ଥିଲେ। ସାଧାରଣତନ୍ତ୍ର ଦିବସରେ ଆୟୋଜିତ ହୋଇଥିବାରୁ ବୀର ଜବାନମାନଙ୍କର ମଧ ସ୍ମୃତି ଚାରଣା କରାଯାଇଥିଲା। ପୁରାତନ ବିଦ୍ୟାର୍ଥୀଙ୍କ ମଧରେ ଦୀପକ କୁମାର ଜେନା, ଡାକ୍ତର ପୁରିତ ପାତ୍ର, ପ୍ରଦୀପ କୁମାର ପଣ୍ଡା, କେ. ଜଗନ୍ନାଥ, ରାଜେଶ କୁମାର ସାହୁ, ସଙ୍ଗୀତା ଚୌଧୁରୀ, ଏସ୍. ନର୍ମଦା ପ୍ରମୁଖଙ୍କ ସହ ବ୍ୟାଚର ସମସ୍ତ ବିଦ୍ୟାର୍ଥୀ ଯୋଗ ଦେଇଥିଲେ।

# ପୁରୁଣା ପେନସନ ବ୍ୟବସ୍ଥାର ପୁନଃ ପ୍ରଚଳନ ଦାବି

ଫୁଲବାଣୀ ଅଫିସ, ୨୮।୧

୨୦୦୫ ମସିହା ପରେ ସରକାରୀ ଚାକିରୀ କରୁଥିବା କର୍ମଚାରୀଙ୍କ ପାଇଁ ପୁରୁଣା ପେନସନ ବ୍ୟବସ୍ଥାକୁ ପୁଣି ଥରେ ଲାଗୁ କରିବା ପାଇଁ ଦାବି କରାଯାଇଛି । ପୁରୁଣା ପେନସନ ବ୍ୟବସ୍ଥା ପୁନଃ ଲାଗୁ ପାଇଁ ଚାଲିଥିବା ଅଭିଯାନ କର୍ମକର୍ତ୍ତାମାନେ ପ୍ରେସ କ୍ଲବରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି, ନୂଆ ପେନସନ ବ୍ୟବସ୍ଥା ଯୋଗୁ ଚାକିରିଆଙ୍କ ବାର୍ଦ୍ଧକ୍ୟ କାଳୀନ ସାମାଜିକ ଓ ଆର୍ଥିକ ସୁରକ୍ଷା ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ଚାକିରିଆମାନେ ପ୍ରତି ମାସରେ ନିଜ ଦରମାରୁ ପେନସନ ପାଇଁ ଦେଉଥିବା ଶତକଡା ଦଶଭାଗ ଅର୍ଥକୁ ସରକାର କେଉଁଠାରେ ବିନିଯୋଗ କରୁଛନ୍ତି ସେ ସମ୍ପର୍କରେ କିଛି ଜାଣି ପାରୁ ନାହାନ୍ତି। ଏହା ଏନ୍‌ଏସ୍‌ଡିଏଲ ନାମକ ସଂସ୍ଥା ମାଧ୍ୟମରେ ସେୟାର ମାର୍କେଟରେ ବିନିଯୋଗ ହେଉଥିବା ସରକାର କହୁଛନ୍ତି । କିନ୍ତୁ



ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା ।

ସେୟାର ମାର୍କେଟର ଉତ୍‌ଥାନ ପତନ ଭିତରେ ନିଜର ଜମା ରାଶି ପରିମାଣ କମିଗଲେ ବି ସେମାନେ ଏହା ସହିବାକୁ ବାଧ୍ୟ ହେଉଛନ୍ତି । ଏପରି ବ୍ୟବସ୍ଥା ସମ୍ପୂର୍ଣ୍ଣ ଅମାନବିକ । ଏପରି ସ୍ଥଳେ ଜଣେ ସରକାରୀ ଚାକିରିଆ ଅବସର ପରେ କେତେ ଟଙ୍କା ପେନସନ ପାଇବେ ତାହାର କୌଣସି ସ୍ଥିରତା ନାହିଁ। ଦୁର୍ଭାଗ୍ୟର ବିଷୟ ଯେ, ନିକଟରେ ଅବସର ଗ୍ରହଣ କରିଥିବା ଜଣେ କର୍ମଚାରୀ ମାତ୍ର ୧୧୦୦ ଟଙ୍କା ପେନସନ ପାଉଛନ୍ତି । ଜଣେ ରାଜନେତା ମାତ୍ର ଦିନଟିଏ ପାଇଁ ଏମ୍‌ପି କିମ୍ବା ବିଧାୟକ ହେଲେ ଜୀବନ ସାରା ପେନସନ ପାଉଥିବା ବେଳେ ଜଣେ ଚାକିରିଆ ପେନସନ ନ ପାଇବା ଦୁର୍ଭାଗ୍ୟର ବିଷୟ । ସରକାର ଆର୍ଥିକ ଅଭାବ ଆଳରେ ପୁରୁଣା ପେନସନ ଉଠାଇ ଦେଇଥିବା କହୁଥିଲେ ବି ଏହା ଭିତ୍ତିହୀନ । ନୂଆ ପେନସନ ବ୍ୟବସ୍ଥାରେ ଅଧିକ ଅର୍ଥ ବ୍ୟୟ ହେଉଛି ବୋଲି ସଂଘ କର୍ମକର୍ତ୍ତା ପ୍ରକାଶ କରିଛନ୍ତି । ରାଜ୍ୟ ସରକାର ଚାହିଁଲେ ପୁରୁଣା ବ୍ୟବସ୍ଥାକୁ ଲାଗୁ କରି ପାରିବେ । ନୂଆ ବ୍ୟବସ୍ଥାରେ ଅନେକ ତ୍ରୁଟି ଥିବାରୁ ଏହାକୁ ଉଚ୍ଛେଦ କରି ପୁଣି ଥରେ ପୁରୁଣା ପେନସନ ବ୍ୟବସ୍ଥା ଲାଗୁ ହେବା ଦରକାର। ପଶ୍ଚିମବଙ୍ଗ ଭଳି କେତେକ ରାଜ୍ୟରେ ଏବେ ବି ପୁରୁଣା ପେନସନ ବ୍ୟବସ୍ଥା ଚାଲୁ ରହିଛି । ଓଡିଶା ସରାକାର ଏହାକୁ ଲାଗୁ କରିବାରେ କୌଣସି ପ୍ରତିବନ୍ଧକ ନାହିଁ ବୋଲି ସେମାନେ ପ୍ରକାଶ କରିଛନ୍ତି । ଯଦି ସରକାର ଏହି ଦାବି ନ ମାନିବେ ଆଗାମୀ ଦିନରେ କଲମଛାଡ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି । ସଂଘ ଜିଲା ସଭାପତି ପ୍ରଭାତ ଶତପଥୀ, ସମ୍ପାଦକ ଶାନ୍ତନୁ ପ୍ରଧାନ, କାର୍ଯ୍ୟକାରୀ ସଭାପତି ସରୋଜ କୁମାର ସେଠୀ, ଉପ ସଭାପତି କାହ୍ନୁ ଚରଣ ଦିଗାଲ ଓ କୋଷାଧକ୍ଷ ମନୋଜ କୁମାର ପଣ୍ଡା ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ ।

## ସିମନବାଡ଼ିକୁ ସୁସ୍ଥ ପଞ୍ଚାୟତ ପୁରସ୍କାର

ଦାରିଙ୍ଗବାଡ଼ି,୨୮।୧(ଡି.ଏନ.ଏ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ି ପଞ୍ଚାୟତ ଜିଲାରେ ସୁସ୍ଥ ପଞ୍ଚାୟତ ଭାବେ ଗୌରବ ଅର୍ଜନ କରିଛି। ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ଅବସରରେ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏବଂ ଜିଲାପାଳ ଡ.ବୃନ୍ଦା ଡି. ସିମନବାଡ଼ିକୁ ସୁସ୍ଥ ପଞ୍ଚାୟତ ଭାବେ ଘୋଷଣା କରିବା ସହ ମାନପତ୍ର ଓ ୧୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଛନ୍ତି। ଅଞ୍ଚଳରେ ଜନ୍ମରୁ ୧ବର୍ଷ ଶିଶୁଙ୍କ ସ୍ୱାସ୍ଥ୍ୟ ଭଲ ଥିବା ସହ ମୃତ୍ୟୁ ସଂଖ୍ୟା ହ୍ରାସ ହୋଇଥିବା ସହ ସମସ୍ତ ଶିଶୁ ଏବଂ ଗର୍ଭବତୀଙ୍କୁ ନିୟମିତ ଟିକାକରଣ ସିମନବାଡ଼ି ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ଠିକ ଭାବେ କରାଯାଇଥିବାରୁ ଏହି ପୁରସ୍କାର ମିଳିଛି । ସିମନବାଡ଼ି ଉପସ୍ୱାସ୍ଥ୍ୟକେନ୍ଦ୍ରର ଏଏନଏମ ଅଞ୍ଜନା ଦିଗାଳ ଏବଂ ସରପଞ୍ଚ ଅମିତା ପ୍ରଧାନ ପୁରସ୍କାର ରାଶି ଗ୍ରହଣ କରିଛନ୍ତି। ଅଞ୍ଚଳରେ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ଚାଲିଥିବା ବିଭିନ୍ନ ଯୋଜନାର ସଫଳ ରୁପାୟନ ହୋଇଥିବା ସରପଞ୍ଚଙ୍କ ପ୍ରତିନିଧି ପରମେଶ୍ୱର ପ୍ରଧାନ ସୂଚନା ଦେଇଛନ୍ତି। ଆଗକୁ ଆହୁରି ଭଲ କାର୍ଯ୍ୟ କରାଯିବାକୁ ଚେଷ୍ଟା ଜାରି ରହିବ ବୋଲି ସେ କହିଛନ୍ତି।



ସୁସ୍ଥ ପଞ୍ଚାୟତ ପୁରସ୍କାର ଗ୍ରହଣ କରୁଛନ୍ତି।

ଫୁଟ୍‌ବଲ ଟୁର୍ନାମେଣ୍ଟ

## ଫୁଲବାଣୀ ପୋଲିସ୍ କଲୋନୀ ଚାମ୍ପିୟନ



ଚାମ୍ପିୟନ ଦଳ ସହ ଅନ୍ୟମାନେ।

ଖଜୁରୀପଡ଼ା,୨୮।୧

ଖଜୁରୀପଡ଼ା ବ୍ଲକ ମୁଖ୍ୟ ହେଡକ୍ୱାର୍ଟରରେ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଏକ ଦିନିକିଆ ଚେୟର ମେନ କପ୍ ଫୁଟବଲ ଟୁର୍ନାମେଣ୍ଟ ପଞ୍ଚାୟତ ସମିତି ଖଜୁରୀପଡ଼ା ଓ ନେତାଜୀ କ୍ଲବ ଖଜୁରୀପଡ଼ାର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟ ୨ବର୍ଷ ହେଲାଣି ପଞ୍ଚାୟତ ସମିତି ଅଧକ୍ଷ ବୀରେନ୍ଦ୍ର କୁମାର କହଁରଙ୍କ ପାଇଁ ଆରମ୍ଭ ହୋଇ ଚାଲୁରହିଛି। ପ୍ରତ୍ୟେକ ଅଗଷ୍ଟ ୧୫ ଓ ଜାନୁୟାରୀ ୨୬ରେ ଅନୁଷ୍ଠିତ କରାଯାଉଛି। ଏହି ସାଧାରଣତନ୍ତ୍ର ଦିବସରେ ୮ଟି ଦଳକୁ ନେଇ ଖେଳ ହୋଇଥିଲା। ଫାଇନାଲରେ କଲାଡ଼ି ଦଳକୁ ପାଞ୍ଚଟି ଗୋଲମାରି ଫୁଲବାଣୀ ପୋଲିସ୍ କଲନି ଦଳ ଚମ୍ପିୟନ ହୋଇଛି। କଲାଡ଼ି ଚାରିଟି ଗୋଲ ମାରି ରନ୍‌ର ହୋଇଥିଲା। ବେଷ୍ଟ ଖେଳାଳୀଭାବେ କଲାଡ଼ିର ବବୁଲ କହଁରକୁ ପୁରସ୍କୃତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଚମ୍ପିୟନ ଦଳକୁ କପ ସହିତ ୩୩୩୩ଟଙ୍କା ଓ ରନର ଦଳକୁ କପ୍ ସହ ୨୨୨୨ଟଙ୍କା ପ୍ରଦାନ କରାଯାଇଛି। ରେଫରି ଭାବେ ଶରୋଦ କୁମାର ମୁନି, ସୁନିଲ କୁମାର ବେହେରା ନିଖିଳ କହଁର, ସମିର ବେହେରା ଖେଳକୁ ପରିଚାଳନା କରିଥିବାବେଳେ କାର୍ଯ୍ୟକ୍ରମକୁ ମେନେଜର ଭାବେ ନେତାଜୀ କ୍ଲବର ଅନିଲ କୁମାର ବେହେରା ଓ ସହଯୋଗୀ ମହେନ୍ଦ୍ର ଜାନୀ ପରିଚାଳନା କରିଥିଲେ।

### ସୁଗଡ଼ବାଡ଼ି ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ

ରାଇକିଆ,୨୮।୧(ଡି.ଏନ.ଏ)

ରାଇକିଆ ବ୍ଲକ ସୁଗଡ଼ବାଡ଼ି ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ବିଜୟ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପଙ୍କଜିନୀ ପ୍ରଧାନ, ଏବିଇଓ ସାରଥି କହଁର, ସିଆରସିସି ବସନ୍ତ ଦାସ, ଜିଲା ପରିଷଦ ସଭ୍ୟ ମୃତ୍ୟୁଞ୍ଜୟ ପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପୟ ପ୍ରଧାନ, ମୋ ସ୍କୁଲ ଅଭିଯାନ ସଭାପତି ଅଶୋକ ଦିଗାଳ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥି ପରିଚୟ ପ୍ରଦାନ କରାଯାଇ ପ୍ରଧାନ ଶିକ୍ଷକଙ୍କ ଦ୍ୱାରା ବାର୍ଷିକ ବିବରଣୀ ପାଠ କରାଯାଇଥିଲା ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବରିଷ୍ଠ ଶିକ୍ଷକ ଦିଲୀପ ମହାପାତ୍ର, ଶୈଳେନ୍ଦ୍ର ଦିଗାଳ, ଇ. ତିରୁପତି, ଶିକ୍ଷୟିତ୍ରୀ ବନଲତା ଦିଗାଳ, ସୁରପ୍ରଭା ନାୟକ ପରିଚାଳନାରେ ସହାୟତା କରିଥିଲେ ।

## ଘୁମୁସର ଲେଖିକା ସଂସଦ ବୈଠକ

ଭଞ୍ଜନଗର,୨୮।୧(ଡି.ଏନ.ଏ)

ଘୁମୁସର ଲେଖିକା ସଂସଦର ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରୀତାରାଣୀ ମହାପାତ୍ର ଅଧକ୍ଷତା କରିଥିଲେ । ଉପଦେଷ୍ଟା ଡ.ଉଷା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଲେଖିକାମାନଙ୍କ ଭୂମିକା ସମ୍ପର୍କରେ କହିଥିଲେ । ସମ୍ପାଦିକା ଡ଼.ନଳିନୀ ପ୍ରଭା ଦାସ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠନ ସମ୍ପାଦିକା ସୁଜତା ସିଂ, ରେଣୁପ୍ରଭା ଦାସ, ଗାୟତ୍ରୀ ସାହୁ, କୋଷାଧକ୍ଷା ରଞ୍ଜୁଲତା ବେହେରା, ସୁଜତା ଷଡ଼ଙ୍ଗୀ, ପ୍ରମୋଦା ମହାନ୍ତି ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ଏହି ଅବିସରରେ ଏକ କବିତା ପାଠୋତ୍ସବ ହୋଇଥିଲା ।



ଉପସ୍ଥିତ ସଭ୍ୟା ।

## ଜୋନସ୍ତରୀୟ ବିଜେଡି ୱାର୍ଡ କମିଟି ସମାବେଶ

ଆସିକା,୨୮।୧ (ଡି.ଏନ୍.ଏ.)

ଆସିକା ନିର୍ବାଚନ ମଣ୍ଡଳି ବିଜେଡି ପକ୍ଷରୁ ସୋମବାର ଝଗଡେଇ ଠାରେ ଜିଲାପରିଷଦ ୨ ନମ୍ବର ଜୋନର ୱାର୍ଡ କମିଟି ସଦସ୍ୟଙ୍କ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବିଜୁ ପକ୍କାଘର, ବିଜୁ ସେତୁ, ମହିଳା ସଶକ୍ତିକରଣ, ମିଶନ ଶକ୍ତି, ଆହାର ଯୋଜନା, କଳାକାର ପେନସନ, ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ଓ କାଳିଆ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଅନ୍ୟପକ୍ଷରେ କେନ୍ଦ୍ରର ଏନଡିଏ ସରକାରର ଓଡିଶା ପ୍ରତି ବୈମାତୃକ ମନୋଭାବର ତୀବ୍ର ନିନ୍ଦା କରାଯାଇଥିଲା । ଆଗାମୀ ନିର୍ବାଚନରେ ରାଜ୍ୟରେ ବିକାଶର ଧାରାକୁ ଅଧିକ





ବୈଠକରେ ମଞ୍ଚାସୀନ ଅତିଥି।

ତ୍ୱରାନ୍ୱିତ କରିବା ଲାଗି ଜନସାଧାରଣ ବିଜେଡି ଦଳକୁ ପୁନଃକ୍ଷମତାଶୀନ କରିବା ଦିଗରେ ସଂକଳ୍ପବଦ୍ଧ ହେବା ଲାଗି ଆହ୍ୱାନ କରାଯାଇଥିଲା । ବ୍ଲକ ବିଜେଡି ସଭାପତି ବିଦ୍ୟାନ୍ତ କୁମାର ଚର୍ଚ୍ଚଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାବେଶରେ ଆସିକା ବିଧାୟକ ଦେବରାଜ ମହାନ୍ତି, ଜିଲା ବିଜେଡି ଉପସଭାପତି ଅରୁଣ କୁମାର ପଣ୍ଡା, ଜିଲା ସମ୍ପାଦକ ନିରଞ୍ଜନ ସାହୁ, ବ୍ଲକ ଯୁବ ବିଜେଡି ସଭାପତି ଅନିଲ କୁମାର ନାୟକ, ଜିଲା ପରିଷଦ ସଭ୍ୟ ଗୌରହରି ବେହେରା, ଶିବଶଙ୍କର ମହାନ୍ତି, କୋକରାମ ଜେନା, ରାଜେଶ ପଟ୍ଟନାୟକ, ମନୋରଂଜନ ପଣ୍ଡା, ବିପିନି ପାଢୀ, ସରପଞ୍ଚ ବିଜୟ କୁମାର ଦଳାଇଙ୍କ ସମେତ ବହୁ ନେତୃସ୍ଥାନୀୟ ବ୍ୟକ୍ତି ଉଦବୋଧନ ଦେଇଥିଲେ ।

### ଆଦର୍ଶ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

ପାତ୍ରପୁର,୨୮।୧(ଡି.ଏନ୍.ଏ.)

ପାତ୍ରପୁର ବ୍ଲକ ବାଦପୁରସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ଗୁରବାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ସ୍କୁଲର ଅଧକ୍ଷ ରାମକୃଷ୍ଣ ସାହୁ ସଭାପତିତ୍ୱ କରିଥିବା ବେଳେ ବ୍ଲକର ଭାରପ୍ରାପ୍ତ ବିଡିଓ ସଞ୍ଜୀବରାଜ ସେନାପତି ମୁଖ୍ୟଅତିଥି ଏବଂ ପାତ୍ରପୁର ଏସ୍‌ବିଆଇ ମ୍ୟାନେଜର ପ୍ରକାଶ ଚନ୍ଦ୍ର ବେହେରା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ କ୍ରୀଡା ଶିକ୍ଷକ ଦୁଃଶାସନ ଲେଙ୍କା ପରିଚାଳନା କରିଥିବାବେଳେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ମେଧାବୃତ୍ତି ପାଇଲେ ଭାରତୀ ବିଦ୍ୟାପୀଠ ଛାତ୍ର

ଗଞ୍ଜାମ,୨୮।୧(ଡି.ଏନ.ଏ.)

ଗଞ୍ଜାମ ଭାରତୀ ବିଦ୍ୟାପୀଠର ୩ ଛାତ୍ର ଚଳିତ ବର୍ଷ ଓଡ଼ିଆ ମେଧାବୃତ୍ତି ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ସେମାନେ ହେଲେ ୱାର୍ଡ ନଂ. ୬ ଓଡ଼ିଆ ଡାମଣା ସାହି ସୁକାନ୍ତ କୁମାର ବେହେରାଙ୍କ ପୁଅ ବେଣୁପାଣି ବେହେରା, ରଘୁନାଥ ସାହି ନାରାୟଣ ପଣ୍ଡାଙ୍କ ପୁଅ ରାଜେନ୍ଦ୍ର କୁମାର ପଣ୍ଡା ଏବଂ ୱାର୍ଡ ନଂ. ୩ ଦୁର୍ଗାଦେବୀ ସାହି ବ୍ରଜରାଜ ପଲାଇଙ୍କ ପୁଅ ଅଲୋକ ପଲାଇ। ଗତ ଶିଶୁ ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଫଳତା ହାସଲ କରିଥିବା ବିଦ୍ୟାର୍ଥୀଙ୍କୁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ପୂର୍ବରୁ ଘୋଷଣା କରିଥିଲେ । ଗତ ୧୯ରେ ସେମାନଙ୍କ ବ୍ୟାଙ୍କ ଖାତାକୁ ୫ ହଜାର ଟଙ୍କା ଆସିଛି । ଏଥିସହିତ ଚଳିତ ବର୍ଷ ଭାରତୀ ବିଦ୍ୟାପୀଠ ସ୍କୁଲ ଶ୍ରେଷ୍ଠ ବିବେଚିତ ହୋଇ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଲକ୍ଷ ଟଙ୍କା ପୁରସ୍କାର



ବେଣୁପାଣି ବେହେରା।

ଅର୍ଥରାଶି ମଧ ଆସିଛି । ପୂର୍ବରୁ ପଞ୍ଚମ ଓ ସପ୍ତମ ଶ୍ରେଣୀରେ ବେଣୁ ବୃତ୍ତି ପରୀକ୍ଷାରେ ସଫଳତା ହାସଲ କରି ରାଜ୍ୟ ସରକାରଙ୍କ ତରଫରୁ ସହାୟତା ରାଶି ପାଇଥିବା ତାଙ୍କ ବାପା ସୁକାନ୍ତ ସୂଚନା ଦେଇଛନ୍ତି। ରାଜ୍ୟ ସରକାରଙ୍କଠାରୁ ଆସିଥିବା ଉକ୍ତ ଟଙ୍କାରେ ସ୍କୁଲ ପିଲାମାନଙ୍କ ପାଇଁ ବିଭିନ୍ନ କ୍ରୀଡ଼ା ଉପକରଣ, ବିଜ୍ଞାନ ଉପକରଣ ଆଦିରେ ଖର୍ଚ୍ଚ କରାଯିବ ବୋଲି କ୍ଲର୍କ ହରି ବାରିକି ଗଣମାଧମକୁ କହିଛନ୍ତି ।

## ପ୍ରମୁଖ ଶାସନ ସଚିବଙ୍କ ସମୀକ୍ଷା

ଛତ୍ରପୁର,୨୮।୧(ଡି.ଏନ୍.ଏ.)

ରାଜ୍ୟ ଅବକାରୀ ଓ ରାଜସ୍ୱ ବିଭାଗର ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାର ଧଳ ସୋମବାର ଗଞ୍ଜାମ ଜିଲା ଗସ୍ତରେ ଆସିଥିଲେ। ଛତ୍ରପୁର ସ୍ଥିତ ସର୍କିଟ ହାଉସଠାରେ ଅବକାରୀ ଓ ରାଜସ୍ୱ ବିଭାଗରେ ସମୀକ୍ଷା କରିଥିଲେ। ରାଜସ୍ୱ ଓ ଅବକାରୀ ବିଭାଗର ରାଜସ୍ୱ ଆଦାୟ ପାଇଁ ଧାର୍ଯ୍ୟ ଲକ୍ଷ ପୁରଣ କରିବାକୁ ବୈଠକରେ ସଚିବ ନିର୍ଦ୍ଦେଶ ଦେଇଥିଲେ। ବେଆଇନ୍ ମଦ କାରବାର ରୋକିବା ପାଇଁ ରାଜସ୍ୱ ଅବକାରୀ ବିଭାଗ ମିଳିତ ଭାବେ କାମ କରିବାକୁ ସଚିବ କହିଥିଲେ। ଏହି ବୈଠକରେ ଦକ୍ଷିଣାଞ୍ଚଳର ରାଜସ୍ୱ କମିଶନର ଟି. ଆପାଙ୍ଗ ଆଓ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ବିଜୟ କୁମାର ଦାସ, ପ୍ରୋବେସନ ଆଇଏଏସ୍ ଅଫିସର ପି. ଅନ୍‌ମେସା ରେଜ୍ଞୀ, ଜିଲା ରାଜସ୍ୱ ଅଧିକାରୀ ଦିବ୍ୟ ଲୋଚନ ମହନ୍ତ, ବ୍ରହ୍ମପୁର ଉପଜିଲାପାଳ ଦିଗନ୍ତ କୁମାର ରାଉତ ରାଏ, ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ, ଗଞ୍ଜାମ ଅବକାରୀ ସୁପରିଟେଣ୍ଡେଣ୍ଟ ରାମଚନ୍ଦ୍ର ମିଶ୍ର, ବ୍ରହ୍ମପୁର ଅବକାରୀ ସୁପରିଟେଣ୍ଡେଣ୍ଟ ରାଜେନ୍ଦ୍ର କୁମାର ଭାତ୍ରା ପ୍ରମୁକ ଉପସ୍ଥିତ ଥିଲେ।

## ମାର୍ଗଦର୍ଶନ ଠିକ୍ ରହିଲେ ଜଙ୍ଗଲ ସୁରକ୍ଷିତ ରହିବ

ଭଞ୍ଜନଗର,୨୮।୧(ଡି.ଏନ.ଏ)

ଜାପାନ ଇଣ୍ଟରନ୍ୟାସନାଲ କୋଅପରେସନ ଏଜେନ୍ସି ଏବଂ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଦକ୍ଷିଣ ଘୁମୁସର ବନଖଣ୍ଡରେ ଚାଲିଥିବା ଓଡ଼ିଶା ବନ ଉନ୍ନୟନ ପ୍ରକଳ୍ପର ବାର୍ଷିକ ସମୀକ୍ଷା ଶୁକ୍ରବାର ସ୍ଥାନୀୟ ଲାଲସିଂ ନର୍ସରୀ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସୁରେଶ ପନ୍ଥ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଙ୍ଗଲ ସୁରକ୍ଷା, ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର ଏବଂ ବନ ସୁରକ୍ଷା ସମିତି ସଭ୍ୟାସଭ୍ୟମାନଙ୍କ ଆର୍ଥୀକ ମାନଦଣ୍ଡରେ କିଭଳି ଉନ୍ନତି ଆସିପାରିବ ସେନେଇ କହିଥିଲେ। କିଛି ବନ ସୁରକ୍ଷା ସମିତି (ଭିଏସ୍‌ଏସ୍)ର କର୍ମକର୍ତ୍ତା, ବିଭାଗ ପକ୍ଷରୁ ବନ ସୁରକ୍ଷା ସମିତି କର୍ମକର୍ତ୍ତାଙ୍କ ସହ ସମନ୍ୱୟ ରକ୍ଷା କରି ଉଚିତ୍ ମାର୍ଗଦର୍ଶନ ଦିଆଗଲେ ଜଙ୍ଗଲ ସୁରକ୍ଷା ସହ ବନ ସୁରକ୍ଷା ସମିତି ସଭ୍ୟାସଭ୍ୟମାନଙ୍କ ଆର୍ଥୀକ ମାନଦଣ୍ଡରେ ଉନ୍ନତି ଆସିପାରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ଆଶିଷ କୁମାର ବେହେରା, ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ଅରୁଣ କୁମାର ସ୍ୱାଇଁ, ଏସିଏଫ୍ ସୁଦର୍ଶଦ ବାଦୀ, ବିଭୁତି ଭୂଷଣ ବେହେରା, ସୁଦର୍ଶନ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ବନ ସୁରକ୍ଷା ସମିତିକୁ ସମ୍ମାନିତ କରାଯାଇଥିଲା।



ଆରସିସିଏଫ୍ ଜଣେ ଭିଏସ୍‌ଏସ୍ କର୍ମକର୍ତ୍ତାଙ୍କୁ ସମ୍ମାନିତ କରୁଛନ୍ତି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୬ | Press Regd. No. R.N. 21326/74 Postal Regd. No. BN/42/18-20. | ବ୍ରହ୍ମପୁର, ମଙ୍ଗଳବାର, ଜାନୁୟାରୀ ୨୯/୨୦୧୯ | Berhampur, Tuesday, January 29/ 2019

## ସଂକ୍ଷେପରେ

### ଜେସିବି ମେଶିନ୍ ପୋଡ଼ିଲେ ଦୁର୍ବୃତ୍ତ




ଧରାକୋଟ,୨୮।୧(ଡି.ଏନ୍.ଏ.)- ଧରାକୋଟ ବ୍ଲକ ବଡ଼ଗଡ଼ ଥାନା ବଳରାମପୁର ଗ୍ରାମ ସନ୍ନିକଟ ରୋଗୁଣି ନାଳ ନିକଟରେ ରବିବାର ରାତିରେ ଏକ ଜେସିବି ମେଶିନଙ୍କୁ କେହି ଦୁର୍ବୃତ୍ତ ପୋଡ଼ି ଦେଇଛନ୍ତି। ଠିକାଦାରଙ୍କ ସୂର୍ଯ୍ୟନାରାୟଣ ସ୍ୱାଇଁଙ୍କ ଏତଲା କ୍ରମେ ବଡ଼ଗଡ଼ ପୋଲିସ ନଂ. ୩୫/୧୯ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଠିକାଦାରଙ୍କ କେହି ବିରୋଧି ଗୋଷ୍ଠୀ ଏପରି କରିଥାଇପାରନ୍ତି, ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବା ବୋଲି ବଡ଼ଗଡ଼ ଥାନା ଅଧିକାରୀ ଜୀବନାନନ୍ଦ ଜେନା କହିଛନ୍ତି। ଉକ୍ତ ନାଳ କାର୍ଯ୍ୟକୁ ଠିକାଦାର ଧରାକୋଟର ଦିଲୀପ କୁମାର ସ୍ୱାଇଁଙ୍କଠାରୁ ଭଡ଼ାରେ ନେଇଥିଲେ। ମେଶିନଟି ଜଙ୍ଗଲିଆ ଯାଗାରେ ଥିବାରୁ କେହି ଏହାକୁ ପୋଡ଼ି ଦେଇଥିବା ଜଣାପଡ଼ିଛି।

### ଭାଜପାର ଶୋକସଭା

ଛତ୍ରପୁର,୨୮।୧(ଡି.ଏନ.ଏ)-ଶହୀଦ ଯବାନ ହେମନ୍ତ ପଣ୍ଡା ଓ ଭାଜପା ଯୁବମୋର୍ଚ୍ଚା ଉପସଭାପତି ଶାନ୍ତନୁ ଦେଓଙ୍କ ବିୟୋଗରେ ଭାଜପା ପକ୍ଷରୁ ସୋମବାର ଶୋକସଭା ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ଶୋକ ସଭାରେ ଛତ୍ରପୁର ନଗର ସଭାପତି ପ୍ରଦୀପ ପାଢ଼ୀ ଅଧକ୍ଷତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯୁବମୋର୍ଚ୍ଚା ନଗର ସଭାପତି ପି. ରଘୁ ରେଡ୍ଡୀ, ଜି.ମନୋଜ ରେଡ୍ଡୀ, ଅମରେଶ ମହାରଣା, ଡି. ସୁରେଶ ରେଡ୍ଡୀ, ପି. ତ୍ରିପତି ରାଓ, ଡି. ପୂର୍ଣ୍ଣଚନ୍ଦ୍ର ରାଓ, ଲୋକନାଥ ରେଡ୍ଡୀ, ସପନ ନାହାକ, ଯୁବମୋର୍ଚ୍ଚା ସମ୍ପାଦକ ରଘୁ ରେଡ୍ଡୀ, ବିକାଶ ପାତ୍ର, ଭୀମସେନ ବେହେରା ପ୍ରମୁଖ ଯୋଗଦେଇ ଉଭୟଙ୍କ ଅମର ଆତ୍ମାର ସଦଗତି ପାଇଁ ଏକ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ ।

### ରକ୍ତଦାନ ଶିବିର

ଆସିକା,୨୮।୧(ଡି.ଏନ୍.ଏ.): ଆସିକା କଳିଙ୍ଗାରୋଡସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ତପସ୍ୟାଧାମ ଶାଖାରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୨୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଆଶ୍ରମର ସଞ୍ଚାଳିକା ବ୍ରହ୍ମାକୁମାରୀ ଲିଲିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ବଂଶୀଧର ନାହାକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରକ୍ତ ଭଣ୍ଡାରର ଡା. ରଶ୍ମିତା କୁମାରୀ ପାଣିଗ୍ରାହୀ ରକ୍ତଦାନର ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇଥିଲେ। ସାଗରିକା, ସଂଗ୍ରାମ, ସୁଶାନ୍ତ, ପ୍ରଦୀପ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ମଣ୍ଡିରେ ଧାନ କିଣା ଯାଉ ନ ଥିବା ଅଭିଯୋଗ

# ଋଷିକୁଲ୍ୟା ରୟତ ମହାସଭାର ସ୍ମାରକପତ୍ର ପ୍ରଦାନ

ପୁରୁଷୋତ୍ତମପୁର,୨୮।୧(ଡି.ଏନ୍.ଏ.) ପୁରୁଷୋତ୍ତମପୁର ବ୍ଲକରେ ପ୍ରଶାସନ ଚାଷୀଙ୍କୁ ଅଣଦେଖା କରି ଅମଳ ଧାନକୁ ମଣ୍ଡି ମାଧ୍ୟମରେ କିଣୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ୨ ମାସ ହେଲା ଅମଳ ଧାନ ଖଳାରେ ପଡ଼ିରହିଥିବା ବେଳେ ବର୍ତ୍ତମାନ ବର୍ଷା ଆସୁଥିବା ଶୁଣି ଚାଷୀମାନେ ଚିନ୍ତିତ ହୋଇ ପଡ଼ିଛନ୍ତି। ଏଥିସହ ଋଷିକୁଲ୍ୟା ରୟତ ମହାସଭାର ଉପଖଣ୍ଡ ସଂଯୋଜକ ସୀତାରାମ ପାଣିଗ୍ରାହୀ, ଭୀମପୁର ସରପଞ୍ଚ ନାରାୟଣ ପାଣିଗ୍ରାହୀ, ସମା ସମିତିସଭ୍ୟ ମନୋଜ ଭୂୟାଁଙ୍କ ସମେତ ବହୁ ଚାଷୀ ସୋମବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ସତ୍ୟସୁନ୍ଦର ରାଉତ ଏବଂ ପୁରୁଷୋତ୍ତମପୁର ତହସିଲଦାର ଏସ୍‌ଡିପିଓ ଓ ଥାନା ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଅପରାହ୍ନରେ ତହସିଲଦାର ଅରୁଣ କୁମାର ନାୟକ କୋଳାସିଙ୍ଗି ଯାଇ ଚାଷୀଙ୍କ ସହ ଆଲୋଚନା କରିବା ସହ ଯୋଗାଣ ନିରୀକ୍ଷକ, ସମବାୟ ସମ୍ପ୍ରସାରଣ ଅଧିକାରୀ (ସିଓ)ଙ୍କୁ ଡକାଇ ତୁରନ୍ତ ଚାଷୀଙ୍କ ଧାନ କିଣିବାକୁ ନିର୍ଦ୍ଦେଶ ଦେବା ସହ ଆନ୍ଦୋଳନକୁ ବନ୍ଦ କରିବା ପାଇଁ ବୁଝାଇଥିଲେ। ସନ୍ଧ୍ୟାରେ ବିଡିଓ ଚାଷୀ ଓ ରୟତ ମହାସଭାର କର୍ମକର୍ତ୍ତାଙ୍କୁ ଡକାଇ ଆଲୋଚନା କରିଥିଲେ। ଆସନ୍ତା ୪ ଦିନ ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତେଣୁ ଚାଷୀ ମଙ୍ଗଳବାର ଧାରଣାକୁ ସ୍ଥଗିତ ରଖାଯାଇଛି। ପ୍ରକାଶ ଯେ, ଡିସେମ୍ବରରୁ ଚାଷୀ ଧାନକୁ ଅମଳ କରି ରଖିଛନ୍ତି। ଏହି ଧାନକୁ ଡିସେମ୍ବର ୧୫ରୁ ପ୍ରତି ଗାଁରେ ମଣ୍ଡି ଖୋଲି ସରକାରୀ ଦରରେ ଚାଷୀଙ୍କଠାରୁ ଧାନ କିଣିବାକୁ ସରକାର ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ପ୍ରଶାସନ ମଣ୍ଡି ମାଧ୍ୟମରେ ଧାନ କିଣୁନଥିବାରୁ ଚାଷୀମାନେ ଓ ଋଷିକୁଲ୍ୟା ରୟତ ମହାସଭା ପକ୍ଷରୁ ପ୍ରଶାସନଠାରେ ବାରମ୍ବାର ଦାବି କରିବାରେ ଲାଗିବା ସହ ଗତ ୫ ତାରିଖରେ ଧାନ ସହ ବ୍ଲକ ସମ୍ମୁଖରେ ଧାରଣାରେ ବସିଥିଲେ। ଏହା ପରେ ପ୍ରଶାସନ କୋଳାସିଙ୍ଗିରୁ କିଛି ଧାନ ଉଠାଇଥିଲେ। ମାତ୍ର ତା' ପରେ ଆଉ ଧାନ ଉଠିନି।ଏଣୁ ଅମଳ ଧାନକୁ ତୁରନ୍ତ ମଣ୍ଡି ମାଧ୍ୟମରେ ପ୍ରଶାସନ କିଣିବା ଲାଗି ଋଷି କୁଲ୍ୟାରୟତ ମହାସଭା ଦାବି କରି ଆନ୍ଦୋଳନ ନିଷ୍ପତ୍ତି ନେଇଥିଲା।



ବିଡିଓଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

## ସର୍ଦ୍ଦାର ଅନ୍ତର୍ଯ୍ୟାମୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

ବୁଗୁଡା,୨୮।୧(ଡି.ଏନ.ଏ.)
ବୁଗୁଡା ବ୍ଲକ ବି.କରଡାବାଡି ସର୍ଦ୍ଦାର ଅନ୍ତର୍ଯ୍ୟାମୀ ଉଚ୍ଚ ବିଦ୍ୟାଳୟର ୫୦ତମ ବାର୍ଷିକ ଉତ୍ସବ ସ୍ଥାନୀୟ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଭାତ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭ୍ୟ ରେବତୀ ମୋହନ ନାୟକ ଓ ସମ୍ମାନିତ ଅତିଥି ଭାବେ ସମିତିସଭ୍ୟା ସୁପ୍ରଭା ନାୟକ, ଶକୁନ୍ତଳା ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଗୋପାଳ ଚନ୍ଦ୍ର ନାୟକ, ଅଶୋକ କୁମାର ପାଣିଗ୍ରାହୀ, ସଂଘମିତ୍ରା ରଥ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ନାୟକ ବିବରଣୀ ପାଠ କରିଥିବା ବେଳେ ସୁକାନ୍ତ କୁମାର ପରିଡା କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରିଥିଲେ।

# ହୁମ୍ମା ଉଚ୍ଚ ବିଦ୍ୟାଳୟ ବାର୍ଷିକୋତ୍ସବ




ମଞ୍ଚାସୀନ ଅତିଥିବୃନ୍ଦ ।

ଗଞ୍ଜାମ,୨୮।୧(ଡି.ଏନ.ଏ.)

ପାଲୁରୁ ଜଙ୍କସନସ୍ଥିତ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ହୁମ୍ମା ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ୫୨ତମ ବାର୍ଷିକ ଉତ୍ସବ ସୋମବାର ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଶୁବଳୟା ସମିତିସଭ୍ୟ ସୁରଥ ପାହାନ ଏହାକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଜିଲା ମଙ୍ଗଳ ଅଧିକାରୀ ପରିକ୍ଷିତ ଦାସ, ପୂର୍ବତନ ସରପଞ୍ଚ କେଦାର ସ୍ୱାଇଁ, ସ୍କୁଲ ପରିଚାଳନା କମିଟି ସଭାପତି ସୁବାଷ ଚନ୍ଦ୍ର ପଲାଇ, ଶିକ୍ଷକ ରାମଚନ୍ଦ୍ର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଜିଲା ସହ ମଙ୍ଗଳ ଅଧିକାରୀ ଅଶୋକ କୁମାର ଶତପଥି ମଧ୍ୟ ଯୋଗ ଦେଇଥିଲେ ।

## ମିଳିତ ଶିକ୍ଷକ ସଂଘର କର୍ମକର୍ତ୍ତା ଚୟନ

କନିଷି,୨୮।୧(ଡି.ଏନ.ଏ.)

ରଙ୍ଗେଇଲୁଣ୍ଡା ବ୍ଲକସ୍ଥିତ ଅଭିରାମ ମିଶନ ମନ୍ଦିର ସଭାଗୃହରେ ପ୍ରତାପ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ରଙ୍ଗେଇଲୁଣ୍ଡା ବ୍ଲକର ମିଳିତ ଶିକ୍ଷକ ସଂଘର କର୍ମକର୍ତ୍ତା ଆସନ୍ତା ୩ବର୍ଷ ପାଇଁ ଚୟନ କରାଯାଇଛି । ସଭାପତି ଭାବେ ଅନନ୍ତରାମ ପଣ୍ଡା, ସମ୍ପାଦକ ସୁଧାଂଶୁ ଶେଖର ଦଳାଇ, ଉପସଭାପତି ପ୍ରତିମା ମଣ୍ଡଳ ଓ ଅନୁଜ କୁମାର ପ୍ରଧାନ, ସହ ସମ୍ପାଦକ ନିରଞ୍ଜନ ମହାରଣା ଓ ଅଭ ସେଠୀ, କୋଷାଧ୍ୟକ୍ଷ ଖଲି ଜାନି, ସାଙ୍ଗଠନିକ ସମ୍ପାଦକ ଭାବେ ବ୍ଲକର ସମସ୍ତ ସିଆରସିସି ବୃନ୍ଦ, ଉପଦେଷ୍ଟା ରୂପେ ପ୍ରତାପ ଚନ୍ଦ୍ର ଜେନା, ମହେଶ୍ୱର ମହାରଣା, ଅଶୋକ କୁମାର ଦାଶ, ଶତ୍ରୁଘ୍ନ ସେଠୀଙ୍କୁ ଚୟନ କରାଯାଇଥିଲା । ଶେଷରେ ସମସ୍ତ କର୍ମକର୍ତ୍ତାଙ୍କୁ ଜେନା ଶପଥ ପାଠ କରାଇବା ସହ କୃଷ୍ଣଚନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ ।



ନୂତନ କର୍ମକର୍ତ୍ତାଙ୍କ ଶପଥପାଠ ।

## ଆଇନ ସଚେତନତା ଶିବିର

ବେଗୁନିଆପଡ଼ା,୨୮।୧(ଡି.ଏନ.ଏ.)
ବେଗୁନିଆପଡ଼ା ବ୍ଲକର ଅଙ୍ଗାରଗାଁ ପଞ୍ଚାୟତରେ ରବିବାର ତାଲୁକା ଆଇନ ସେବା କମିଟି ଖଲ୍ଲିକୋଟ ତରଫରୁ ଆଇନ ସଚେତନତା ଶିବିର ସରୋଜ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଅତିରିକ୍ତ ଜିଲା ଜଜ୍ ଶ୍ରୀନିବାସ ପ୍ରତିହାରି, ସବଜଜ୍ ପ୍ରଶାନ୍ତ କୁମାର ବେହେରା, ଲିଗାଲ ଏଡ ରିଟେନର ଆଡଭୋକେଟ ନିଳାମ୍ବର ଶତପଥୀ ଯୋଗଦେଇ ସାଧାରଣ ଲୋକଙ୍କ ମୌଳିକ ସୁବିଧାରେ ଆଇନର ସହାୟତା, ସଚେତନତା ଉପରେ ଆଲୋକପାତ କରିଥିଲେ । ଏଥିରେ ବ୍ଲକ ଉପାଧ୍ୟକ୍ଷ ଭ୍ରମର ଭୂୟାଁ, ଦଣ୍ଡପାଣି ସୁମନ୍ତରାୟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିପ୍ର ଚରଣ ସାହୁ, ପୂର୍ବତନ ସରପଞ୍ଚ ଦେବରାଜ ସ୍ୱାଇଁ, ରାମଚନ୍ଦ୍ର ଜେନାଙ୍କ ସମେତ ବିଜୁ ଯୁବ ବାହିନୀର ସଦସ୍ୟମାନେ ସହଯୋଗ କରିଥିଲେ ।

## ହିତାଧିକାରୀଙ୍କୁ କୁକୁଡ଼ା ପ୍ରଦାନ

ଗୋଷାଣି, ୨୮।୧(ଡି.ଏନ.ଏ.)
ଗଜପତି ଜିଲା ଗୋଷାଣି ବ୍ଲକର ଜଙ୍ଗଲପାଡୁ ପ୍ରାଣୀ ସହାୟକ କେନ୍ଦ୍ରଠାରେ ଶୁକ୍ରବାର ଜଙ୍ଗଲପାଡୁ, ଉତ୍ତରସେଲି, ଆଙ୍କୁଡୁ, ଗୋଷାଣି, ଜରିଠଡା, ବଡନୀଳାପୁରୁ, ମହାଦେବୀପୁର ଆଦି ଗ୍ରାମର ହିତାଧିକାରୀମାନଙ୍କୁ କୁକୁଡ଼ା ପାଳନ ପାଇଁ ୨୫ଟି ଲେଖାଏଁ କୁକୁଡା ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ରିଲିଫ ପାଣ୍ଠିରୁ ଏଥିଲାଗି ଅର୍ଥ ମଞ୍ଜୁର ହୋଇଥିବା ଜଣାପଡ଼ିଛି। କୁକୁଡା ପ୍ରଦାନ ବେଳେ ଗୁରାଣ୍ଡି ପ୍ରାଣୀ ଚିକିତ୍ସକ ଗଣେଶ ମହାନ୍ତି, ଟେକ୍ନିସିଆନ ବି.ରାମପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ।






## ମୃତ ଆଶାକର୍ମୀଙ୍କ ପରିବାରକୁ ସହାୟତା

ବେଗୁନିଆପଡ଼ା,୨୮।୧(ଡି.ଏନ.ଏ.)

ବେଗୁନିଆପଡ଼ା ବ୍ଲକ କୁମ୍ଭାରଗାଁ ପଞ୍ଚାୟତର ତାଳଗାଁ ଗ୍ରାମର ଆଶାକର୍ମୀ ପ୍ରଫୁଲି ନାହାକଙ୍କ ରବିବାର ତାଳଗାଁସ୍ଥିତ ନିଜ ବାସଭବନରେ ମୃତ୍ୟୁ ଘଟିଛି । ସେ ଦୀର୍ଘଦିନ ହେଲା କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ । ଖବର ଶୁଣି ରାହାଡ଼ା ସେକ୍ଟରର ଆଶା ସାଥୀ ବିଷ୍ଣୁପ୍ରିୟା ସାହୁ, ତାଳସର ଏଏନ୍‌ଏମ ରାଜ କୁମାରୀ ପାତ୍ରଙ୍କ ସହ ପ୍ରାୟ ୨୦ ଜଣ ଆଶାକର୍ମୀ ପ୍ରଫୁଲିଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇ ତାଙ୍କ ପରିବାରକୁ ୨ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଛନ୍ତି । ପ୍ରଫୁଲିଙ୍କ ୪ ଝିଅ ଓ ୨ ପୁଅ ଅଛନ୍ତି ।

## ଆସ ଖେଳିବା ଓଡ଼ିଶା କାର୍ଯ୍ୟକ୍ରମ

ବୁଗୁଡ଼ା,୨୮।୧(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ କରଚୁଲି ବିଜୁ ଯୁବ ବାହିନୀ ପକ୍ଷରୁ କରଚୁଲି ଶକୁନ୍ତଳା ବିଦ୍ୟାପୀଠରେ ଆସ ଖେଳିବା ଓଡ଼ିଶା କାର୍ଯ୍ୟକ୍ରମ ଦେବାଶିଷ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଯୁବ ବାହିନୀ ତରଫରୁ ବିଭିନ୍ନ ଖେଳ ପ୍ରତିଯୋଗିତା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟଅତିଥି ଭାବେ ବ୍ୟାଘ୍ରାଶ୍ୱରୀ ମଠର ମଠାଧୀଶ ସତ୍ୟାନନ୍ଦ ମହାରାଜ, ସମ୍ମାନିତ ଅତିଥି ସମିତିସଭ୍ୟ ପ୍ରତିନିଧି ରବୀନ୍ଦ୍ର କୁମାର ପାତ୍ର ଯୋଗଦେଇ କୃତୀ ଖେଳାଳିଙ୍କୁ ପୁରସ୍କାର ବିତରଣ ସହ ମାନପତ୍ର ପ୍ରଦାନ କରିଥିଲେ । ଏଥିରେ ସମ୍ପାଦକ ଦୁଃଖୀଶ୍ୟାମ ବେହେରା, କୋଷାଧ୍ୟକ୍ଷ ପଞ୍ଚାନନ ପଲାଇ, ଭଗବାନ ସାହୁ, ବସନ୍ତ ଗୌଡ଼, ମନୋଜ କୁମାର ପଣ୍ଡା, ରବୀନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।








2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ